Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:36+26 May 2026 (Tuesday) + Rourkela + Rs.2.00 + Page -1 + ୨୨ ବର୍ଷ +ସଂଖ୍ୟା:୩୬+ ୨୬ ମେ ୨୦୨୬ (ମଙ୍ଗଳବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୧

ୟୁକ୍ରେନ ଉପରେ ରୁଷ୍‌ର ବୋମା ବର୍ଷା :

୭୦୦ ଡ୍ରୋନ ସହ ଦାଗିଲା ହାଇପରସୋନିକ ବାଲିଷ୍ଟିକ୍ ମିସାଇଲ୍, ରାତିସାରା ଚାଲିଲା ଧ୍ୱଂସଲୀଳା

ନୂଆଦିଲ୍ଲୀ,୨୫/୫; ୟୁକ୍ରେନ୍ ପକ୍ଷରୁ ହୋଇଥିବା ସଦ୍ୟ ହମଲାର ପ୍ରଚଣ୍ଡ ପ୍ରତିଶୋଧ ନେଇଛି ରୁଷ । ଶନିବାର ରାତିତମାମ ଏହା ୟୁକ୍ରେନ୍ ରାଜଧାନୀ କିଏଭ ଏବଂ ଏହାର ଆଖପାଖ ଅଂଚଳରେ ଭୟଙ୍କର ବୋମା ବର୍ଷା କରିଛି । ୭୦୦ରୁ ଅଧିକ ଡ୍ରୋନ୍ ଏବଂ ୫୦ରୁ ଉର୍ଦ୍ଧ୍ୱ ମିସାଇଲ୍ ମାଡ଼ରେ ଥରି ଉଠିଛି ସମଗ୍ର ଅଂଚଳ । ଏଥିରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬୦ରୁ ଅଧିକ ଆହତ ହୋଇଛନ୍ତି । ଏହି ଆକ୍ରମଣ କରିଥିବା ନେଇ ରବିବାର ରୁଷ ସ୍ୱୀକାର କରିଛି । ଏମିତି କି ୟୁକ୍ରେନ୍ ଉପରେ ଓରେସ୍ନିକ୍ ହାଇପରସୋନିକ ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରିଥିବା ମାନିଛି । ୪ ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧରେ ରୁଷ ଏହାକୁ ମିଶାଇ ୩ ଥର ଓରେସ୍ନିକ୍ ହାଇପରସୋନିକ ବାଲିଷ୍ଟିକ ମିସାଇଲ ମାଡ଼ କରିସାରିଲାଣି । ଆକ୍ରମଣ ପୂର୍ବରୁ ରୁଷ ସତର୍କ କରାଇଥିଲା । ଏହାପରେ ଦେଶବ୍ୟାପୀ ୟୁକ୍ରେନର ବାୟୁସେନା ଲୋକଙ୍କୁ ସତର୍କ କରାଇଥିଲା । ଏମିତିକି ରୁଷ୍ ତରଫରୁ ସମ୍ଭାବ୍ୟ ହାଇପରସୋନିକ ମିସାଇଲ ମାଡ଼ ହେବା ନେଇ କହିଥିଲା । ଲୋକମାନେ ସତର୍କ ହୋଇଯିବା ଯୋଗୁ ମୃତ୍ୟୁ ସଂଖ୍ୟା ଅଧିକ ହୋଇନାହିଁ । କେନ୍ଦ୍ରୀୟ କିଏଭ ଉପରେ କ୍ରୁଜ୍ ମିସାଇଲ ମାଡ଼ ହେବା ବେଳର ଭିଡିଓ ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି । କିଭଳି ଜୋରଦାର ବିସ୍ଫୋରଣ ହେବା ପରେ ନିଆଁ ଏବଂ ମୋଟା ଧୂଆଁ ବାହାରୁଛି, ସେଥିରେ ଦେଖିବାକୁ ମିଳିଛି । ସରକାରୀ କୋଠା ଏବଂ ଆବାସିକ ଅଂଚଳ ନିକଟରେ ଏହି ଆକ୍ରମଣ ହୋଇଥିଲା । ଯୁଦ୍ଧ ଆରମ୍ଭ ହେବା ପରଠାରୁ ରୁଷର ଏହା ଅନ୍ୟତମ ଭୟଙ୍କର ଡ୍ରୋନ ଓ ମିସାଇଲ ଆକ୍ରମଣ ବୋଲି କୁହାଯାଉଛି । ରୁଷର ସରକାରୀ ନ୍ୟୁଜ ଏଜେନ୍ସିଙ୍କ ରିପୋର୍ଟ ଅନୁସାରେ, ୟୁକ୍ରେନ ଉପରେ ଓରେସ୍ନିକ୍, ଇସ୍କନ୍ଦର, କିଞ୍ଜଲ ଓ ଜିର୍କନ୍ ମିସାଇଲ ଦ୍ୱାରା ହମଲା କରାଯାଇଛି । ୟୁକ୍ରେନର ସାମରିକ କମାଣ୍ଡ ବ୍ୟବସ୍ଥା, ବାୟୁସେନା ଘାଟି ଏବଂ କିଛି ଶିଳ୍ପ ଉଦ୍ୟୋଗକୁ ଏଥିରେ ଟାର୍ଗେଟ୍ କରାଯାଇଥିବା ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ବୟାନକୁ ଆଧାର କରି ଏକ ରିପୋର୍ଟ ଦର୍ଶାଇଛି । ସମସ୍ତ ଏୟାର ଷ୍ଟ୍ରାଇକ୍ ସଫଳ ହୋଇଥିବା ରବିବାର ମସ୍କୋ ପକ୍ଷରୁ ଦାବି କରାଯାଇଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡ଼ିମିର ଜେଲେନସ୍କି କହିଛନ୍ତି, ରୁଷ ତରଫରୁ ଓରେସନିକ୍ ହାଇପରସୋନିକ ବାଲିଷ୍ଟିକ ମିସାଇଲ ମାଡ଼ କରାଯାଇଛି । ମିସାଇଲ୍ଟି ରାଜଧାନୀ କିଏଭର ବିଲା ସେର୍କଭା ସହର ଉପରେ ପଡ଼ିଥିଲା । ଦେଶର ବାୟୁସେନା କହିଛି, ରୁଷ୍ ଆକ୍ରମଣରେ ୬୦୦ଟି ଡ୍ରୋନ ଏବଂ ୯୦ଟି ଏୟାର, ସି ଏବଂ ଗ୍ରାଉଣ୍ଡ ଲଂଚ ମିସାଇଲ ମାଡ଼ କରାଯାଇଥିଲା । ତେବେ ସେଗୁଡ଼ିକ ମଧ୍ୟରୁ ପ୍ରାୟ ୫୪୯ ଡ୍ରୋନ ଏବଂ ୫୫ ମିସାଇଲକୁ ନଷ୍ଟ କିମ୍ବା ନିଷ୍କ୍ରିୟ କରାଯାଇଥିଲା । ୧୯ଟି ମିସାଇଲ୍ ନିଜ ଟାର୍ଗେଟ୍ରେ ପହଂଚିବାକୁ ବିଫଳ ହୋଇଥିଲା । ଏୟାର ଷ୍ଟ୍ରାଇକ୍ ପରେ କିଏଭର ସେଭଚେଙ୍କୋ ଜିଲ୍ଲାରେ ଏକ ପାଟଂ ମହଲା କୋଠାରେ ନିଆଁ ଲାଗିଯାଇଥିଲା । ଏଥିରେ ଜଣେ ପ୍ରାଣ ହରାଇଥିଲେ । ଏକ ସ୍କୁଲ କୋଠା ମଧ୍ୟ ଧ୍ୱଂସ ହୋଇଯାଇଥିବା କିଏଭ୍ ମେୟର ଭିଟାଲି କ୍ଲିସ୍କୋ କହିଛନ୍ତି । ଏହାପରେ ଲୋକମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିଥିଲେ । ସ୍ୱିତାଲିନା ଓନୋପ୍ରିଚୁକ୍ ନାମ୍ନୀ ମହିଳା କହିଛନ୍ତି, ଏବେ ମୋତେ କିଏଭକୁ ବିଦାୟ ଦେବାର ସମୟ ଆସିଯାଇଛି ।

ଆସାମର ହିମନ୍ତ ସରକାର ୟୁସିସି ବିଲ୍ ଆଗତ କଲେ : ବିରୋଧୀ ଦଳ ପକ୍ଷରୁ ବିଧାନସଭାରେ ହଙ୍ଗାମା

ଗୁଆହାଟୀ,୨୫/୫: ଆସାମ ସରକାର ରାଜ୍ୟ ବିଧାନସଭାରେ ୟୁନିଫର୍ମ ସିଭିଲ୍ କୋଡ୍(ୟୁସିସି) ବିଲ୍ ଆଗତ କରିଛନ୍ତି। ବିରୋଧୀ ବିଧାୟକମାନେ ଆସାମ ବିଧାନସଭାରେ ୟୁସିସି ବିଲ୍ ଆଗତ କରିବାର ପ୍ରତିବାଦ କରି ଆଗତ କରିବା ପୂର୍ବରୁ ଅଂଶୀଦାରମାନଙ୍କ ସହିତ ବ୍ୟାପକ ପରାମର୍ଶ ଦାବି କରିବା ସହ ହଙ୍ଗାମା କରିଛନ୍ତି। ଆସାମ ଏବେ ଗୁଜରାଟ ଏବଂ ଉତ୍ତରାଖଣ୍ଡ ପରେ ତୃତୀୟ ରାଜ୍ୟ ଭାବେ ୟୁସିସି ବିଲ୍ ଆଗତ କରିଛି। ଏହି ବିଲ୍ ଆଦିବାସୀ ସମ୍ପ୍ରଦାୟକୁ ବାଦ୍ ଦେଇଛି। ରାଜ୍ୟ ସରକାରଙ୍କ ଅନୁଯାୟୀ ପାରମ୍ପରିକ ଧାର୍ମିକ ପ୍ରଥା, ପ୍ରଥା ଏବଂ ରୀତିନୀତି ମଧ୍ୟ ୟୁସିସିର ବ୍ୟବସ୍ଥାରୁ ମୁକ୍ତ ରହିବ। ବିଲ୍ ଉପରେ ଆଲୋଚନା ମେ'୨୭ରେ କରାଯିବାର କାର୍ଯ୍ୟକ୍ରମ ରହିଛି। ହିମନ୍ତ ବିଶ୍ୱ ଶର୍ମାଙ୍କ ସରକାର କହିଛନ୍ତି ଯେ, ଏହି ବିଲ୍‌ର ଡ୍ରାଫ୍ଟ ନିର୍ଦ୍ଦିଷ୍ଟ ଜନସଂଖ୍ୟାଗତ ବିବିଧତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଏଥିସହିତ ରାଜ୍ୟରେ ବହୁବିବାହ ପ୍ରଥାକୁ ନିଷିଦ୍ଧ କରିବା, ବିବାହ ପାଇଁ ସର୍ବନିମ୍ନ ବୟସକୁ ବାଧ୍ୟତାମୂଳକ କରିବା, ସମସ୍ତ ବିବାହ ଏବଂ ଛାଡପତ୍ରକୁ ସରକାରୀ ରେକର୍ଡରେ ରେକର୍ଡଭୁକ୍ତ କରିବା ବାଧ୍ୟତାମୂଳକ କରିବା,ପୈତୃକ ସମ୍ପତ୍ତି ଉପରେ ଝିଅମାନଙ୍କର ସମାନ ଅଧିକାର ରହିବା, ଲିଭ୍-ଇନ୍ ସମ୍ପର୍କରେ ରହୁଥିବା ଲୋକଙ୍କ ପାଇଁ କଠୋର ନିୟମ ତିଆରି କରିବା ଏବଂ ଲିଭ୍-ଇନ୍ ସମ୍ପର୍କର ପଞ୍ଜିକରଣ କରିବା ଜରୁରୀ ବୋଲି ଶର୍ମାଙ୍କ ସରକାରର ଉଦ୍ଦେଶ୍ୟ ରହିଛି।

କାଂଚନଜଙ୍ଘାରେ ହିମସ୍ଖଳନ, କୌଣସି କ୍ଷୟକ୍ଷତି ନାହିଁ

ଚମୋଲି, ୨୫/୫: ଉତରାଖଣ୍ଡର ଚମୋଲି ଜିଲ୍ଲାର ବଦ୍ରିନାଥ ଯାତ୍ରା ସମୟରେ କାଂଚନଜଙ୍ଘା ଅଂଚଳରେ ହିମସ୍ଖଳନ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ସମୟରେ ଆଖପାଖରେ ଉପସ୍ଥିତ ଥିବା ଯାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ କିଛିସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତେବେ ପ୍ରଶାସନ କହିଛି ଯେ ଏହି ଘଟଣାରେ କୌଣସି ଜୀବନହାନି କିମ୍ବା ସମ୍ପତ୍ତି ନଷ୍ଟ ହୋଇନାହିଁ ଏବଂ ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ଅଛି। ଚାମୋଲି ଜିଲ୍ଲା ମାଜିଷ୍ଟ୍ରେଟ୍ ଗୌରବ କୁମାର ରବିବାର କହିଛନ୍ତି ଯେ ହିମସ୍ଖଳନ ରାସ୍ତାରେ ପହଂଚି ନାହିଁ ଏବଂ ଗିରିଖାତାରେ ଅଟକିଛି, ଯାହା ଟ୍ରାଫିକ୍ ଏବଂ ସାଧାରଣ ଜୀବନ ଉପରେ କୌଣସି ପ୍ରଭାବ ପକାଇନଥିଲା। ସେ କହିଥିଲେ ଯେ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ଏବଂ ପାର୍ବତ୍ୟାଂଚଳରେ ସମୟ ସମୟରେ ଏଭଳି ଘଟଣା ଘଟିଥାଏ।

ଆନନ୍ଦପୁରରେ ଅଭାବନୀୟ ଘଟଣା

ଖାଲରେ ପଡ଼ି ଶିଶୁ ମୃତ

ହାଟଡିହି,୨୫/୫(ନି/ପ୍ର): ଆନନ୍ଦପୁର ଉପଖଣ୍ଡ ଝଣଝଣା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଗାଁରେ ଲିକେଜ ପାଣି ପାଇପ ମରାମତି ପାଇଁ ମେଗା କମ୍ପାନୀ ଖୋଳିଥିବା ଗାତରେ ପଡ଼ି ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଅଭିଯୋଗ ଅନୁଯାୟୀ ଗତ ୫ବର୍ଷ ପୂର୍ବେ ଗାଁରେ ଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ ଲିକ କରିବାରୁ କମ୍ପାନୀ କର୍ତ୍ତୃପକ୍ଷ ପାଇପ ଲିକେଜ ମରାମତି ପାଇଁ ରାସ୍ତା ମଝିରେ ଏକ ବିରାଟ ଗଭୀରର ଗାତ ଖୋଳିଦେଲେ। କିନ୍ତୁ ଆଉ ମରାମତି କଲେନି କି ଖାଲଟିକୁ ପୋତିଲେନି। ଗତକାଲି ଅପରାହ୍ନରେ ଗ୍ରାମର ଅରୁଣ ଖଣ୍ଡେଇଙ୍କ ଦୁଇ ବର୍ଷର ପୁଅ ଅନିଲ ଖେଳୁଥିବା ବେଳେ ଏହି ଖାଲରେ ପଡ଼ିଯାଇଥିଲେ। ଅନେକ ଖୋଜା ଖୋଜି କରିବା ପରେ ସନ୍ଧ୍ୟାରେ ଶିଶୁର ମୃତଦେହ ଉଦ୍ଧାର କରି ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ମୃତ ଶିଶୁର ପରିବାରକୁ କ୍ଷତିପୂରଣ ଦେବା ସହ ଖାଲକୁ ପୋତିବାକୁ ଦାବି କରିଛନ୍ତି ଲୋକେ। ମୃତ ଶିଶୁର ବାପା ଅରୁଣ ମଧ୍ୟ ଗତ କିଛି ମାସ ପୂର୍ବେ ଏହି ଖାଲରେ ପଡ଼ି ଗୁରୁତର ହୋଇ ଘରେ ପଡ଼ି ରହିଛନ୍ତି।

କତାରରେ ଜମାଥିବା ପାଣ୍ଠିକୁ ନେଇ ଅଟକିଲା ଇରାନ-ଆମେରିକା ଚୁକ୍ତି

ତେହେରାନ/ୱାସିଂଟନ,୨୫/୫: ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଆଲୋଚନାରେ ଫସି ରହିଥିବା ପାଣ୍ଠିର ପ୍ରସଙ୍ଗ ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି। ରିପୋର୍ଟ ଅନୁଯାୟୀ, ଇରାନ ସ୍ପଷ୍ଟ ଭାବରେ କହିଛି, କାତାରରେ ଜମା ଥିବା ଏହାର ୧୨ ବିଲିୟନ ଡଲାର ବା ପ୍ରାୟ ୧୧.୪୫ ଲକ୍ଷ କୋଟି ଟଙ୍କା ମୁକ୍ତ କରିବାକୁ ପଡିବ, ଏବଂ ଏହା ବିନା ଆମେରିକା ସହିତ କୌଣସି ଚୁକ୍ତି ଆଗକୁ ବଢ଼ିବ ନାହିଁ। ଇରାନ ଇ[ରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, କତାରରେ ରଖାଯାଇଥିବା ଏହି ୧୨ ବିଲିୟନ ଡଲାର ଇରାନର ପ୍ରଥମ ଏବଂ କଠୋର ସର୍ତ୍ତ। ପୂର୍ବରୁ ଅନୁମାନ କରାଯାଉଥିଲା ଯେ, ହର୍ମୁଜ୍ ପ୍ରଣାଳୀ ଏବଂ ୟୁରାନିୟମ ଉପରେ ଇରାନର କଠୋର ମନୋଭାବ ଯୋଗୁଁ ଆଲୋଚନା ବିଫଳ ହେଉଛି। ପ୍ରକୃତରେ, ଆମେରିକା ସହିତ ପ୍ରାରମ୍ଭିକ ଚୁକ୍ତିନାମା, ବୁଝାମଣାପତ୍ରର ପ୍ରଥମ ପର୍ଯ୍ୟାୟରେ ଇରାନ ଅଟକି ରହିଥିବା ପାଣ୍ଠି ପ୍ରସଙ୍ଗକୁ ?ଆଲୋଚନା ଟେବୁଲକୁ ଆଣିଛି। ଏହା ଉପରେ ଠୋସ୍ ନିଷ୍ପତ୍ତି ନେବା ପରେ ହିଁ ଆହୁରି ଆଲୋଚନା ଆଗକୁ ବଢ଼ିବ। ଏହା ସହିତ ଇରାନ ଦାବି କରୁଛି, ଏକ ଚୂଡ଼ାନ୍ତ ଚୁକ୍ତିନାମାର ଅଂଶ ଭାବରେ ବିଶ୍ୱବ୍ୟାପୀ ସମସ୍ତ ଫ୍ରିଜ୍ ହୋଇଥିବା ସମ୍ପତ୍ତି ଏବଂ ପାଣ୍ଠିକୁ ସମ୍ପୂର୍ଣ୍ଣ ମୁକ୍ତ କରାଯିବା ଉଚିତ। ଇରାନର ରିଭୋଲ୍ୟୁସନାରୀ ଗାର୍ଡ ସହିତ ଜଡିତ ଏକ ନ୍ୟୁଜ୍ ଏଜେନ୍ସି ତାସନିମ୍ ନ୍ୟୁଜ୍ ରିପୋର୍ଟ କରିଛି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ଏକ ସମ୍ଭାବ୍ୟ ଚୁକ୍ତିର କିଛି ସର୍ତାବଳୀ ଅମୀମାଂସିତ ରହିଛି। ତାସନିମ୍ ନ୍ୟୁଜ୍ ଅନୁଯାୟୀ, ଇରାନ ପ୍ରାରମ୍ଭିକ ଚୁକ୍ତିର ପ୍ରଥମ ପଦକ୍ଷେପ ଭାବରେ ଏହାର ଫ୍ରିଜ୍ ହୋଇଥିବା ପାଣ୍ଠିର ଅତି କମ୍‌ରେ ଏକ ଅଂଶ ମୁକ୍ତ କରିବାକୁ ଚାହୁଁଛି। ଇରାନ ଏହା ମଧ୍ୟ କହିଛି, କେବଳ ପାଣ୍ଠି ମୁକ୍ତ ଘୋଷଣା କରିବା ଯଥେଷ୍ଟ ନୁହେଁ, ଏହାକୁ ପାଣ୍ଠି ବ୍ୟବହାର କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ମଧ୍ୟ ଦିଆଯିବା ଉଚିତ। ରିପୋର୍ଟରେ କୁହାଯାଇଛି, ଆମେରିକା ଏହି ପାଣ୍ଠିର ମୁକ୍ତିକୁ ଚୂଡ଼ାନ୍ତ ପରମାଣୁ ଚୁକ୍ତିନାମା ସହିତ ଯୋଡ଼ିବାକୁ ଚେଷ୍ଟା କରିଛି। ତଥାପି, ଇରାନ ଦାବି କରୁଛି ଯେ ବୁଝାମଣା ଆରମ୍ଭ ହେବା ମାତ୍ରେ କିଛି ପାଣ୍ଠି ମୁକ୍ତ କରାଯାଉ ଏବଂ ଆଲୋଚନା ସମୟରେ ଅବଶିଷ୍ଟ ପାଣ୍ଠି ଧୀରେ ଧୀରେ ମୁକ୍ତ କରାଯାଉ। ତାସନିମ୍ ନ୍ୟୁଜ୍ ପରେ ଦାବି କରିଛି ଯେ ଆମେରିକା ଏବେ ବି କିଛି ସର୍ତାବଳୀ ପ୍ରତି ବାଧା ସୃଷ୍ଟି କରୁଛି, ଯେଉଁଥିରେ ଇରାନର ଜବତ ପାଣ୍ଠିର ମୁକ୍ତି ମଧ୍ୟ ଅନ୍ତର୍ଭୁକ୍ତ। ଏହା ଯୋଗୁ ସମ୍ପୂର୍ଣ୍ଣ ଚୁକ୍ତିନାମା ଭଙ୍ଗ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏପ୍ରିଲ୍ ମାସର ଆରମ୍ଭରେ, ରଏଟର୍ସ ରିପୋର୍ଟ କରିଥିଲା ଯେ ଆମେରିକା କତାର ଏବଂ ଅନ୍ୟାନ୍ୟ ବ୍ୟାଙ୍କରେ ଗଚ୍ଛିତ ଇରାନୀ ଟଙ୍କାରୁ ୬ ବିଲିୟନ ଡଲାର ମୁକ୍ତ କରିବାକୁ ରାଜି ହୋଇଛି। ଏହି ଟଙ୍କା ଦକ୍ଷିଣ କୋରିଆକୁ ତେଲ ବିକ୍ରୟରୁ ପ୍ରାପ୍ତ ହୋଇଥିଲା। ୨୦୨୩ କଏଦୀ ବିନିମୟ ଚୁକ୍ତିନାମା ପରେ, ପାଣ୍ଠିକୁ କତାର ଆକାଉଂଟକୁ ସ୍ଥାନାନ୍ତର କରାଯାଇଥିଲା, କିନ୍ତୁ କେବଳ ଆମେରିକାର ତତ୍ତ୍ୱାବଧାନରେ ମାନବିକତା ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରାଯାଇପାରିବ।

ଘାଟିକୁ ଖସିଲା ସ୍କର୍ପିଓ ; ୮ ଯୁବକ ମୃତ

ମୁମ୍ବାଇ,୨୫/୫: ମହାରାଷ୍ଟ୍ରରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଚାଲିଗଲା ୮ ଜଣଙ୍କ ଜୀବନ। ଏକ କାର ଘାଟିକୁ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି। ପୁଲିସ ଏବଂ ବାସିନ୍ଦାମାନେ ଉଦ୍ଧାର କାର୍ଯ୍ୟ କରିଥିଲେ। ମୃତଦେହ ଉଦ୍ଧାର କରାଯାଇଛି, ଏବଂ ପୁଲିସ ବର୍ତମାନ ଦୁର୍ଘଟଣାର କାରଣ ଖୋଜୁଛି। ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ଆମ୍ବେନଳୀ ଘାଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କର୍ପିଓ ୭୦୦ ଫୁଟ ଗଭୀର ଘାଟିରେ ଖସିପଡ଼ିଛି। ମହାବଳେଶ୍ୱର ଏବଂ ପୋଲାଡପୁର ମଧ୍ୟରେ ଘଟିଥିବା ଏହି ଦୁର୍ଘଟଣାରେ ସ୍କର୍ପିଓରେ ଯାତ୍ରା କରୁଥିବା ଆଠ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ପୁଲିସ ଏବଂ ଉଦ୍ଧାରକାରୀ ଦଳ ଘାଟିରୁ ମୃତଦେହ ଉଦ୍ଧାର କରିଛନ୍ତି, ଯାହାକୁ ପଂଚନାମା ପ୍ରସ୍ତୁତ କରିବା ପରେ ପୁଲିସ ହେପାଜତକୁ ନିଆଯାଇ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ରାତି ପ୍ରାୟ ୨ :୪୫ରେ ଏହି ସଡ଼କ ଦୁର୍ଘଟଣା ଘଟିଥିଲା। ପୁଲିସ ଅନୁଯାୟୀ,

ମୃତକ ଆଠ ଜଣ ସତାରା ଜିଲ୍ଲାର କୋରେଗାଓଁ ତାଲୁକାର ଅସଗାଓଁ ଗାଁର ବାସିନ୍ଦା ଥିଲେ ଏବଂ କୋଙ୍କଣ ଅଂଚଳରେ ଛୁଟି କାଟି ସାତାରା ଘରକୁ ଫେରୁଥିଲେ। ମୃତକଙ୍କ ମଧ୍ୟରେ ମହେଶ ଅନିଲ ପାୱାର(୨୫), ଆଦିତ୍ୟ ଅଶୋକ ସାଲୁଙ୍କେ(୨୧), ରିତେଶ ରାଜେନ୍ଦ୍ର ଲୋଖଣ୍ଡେ(୨୫), ସୁହାସ ଜିତେନ୍ଦ୍ର ଲୋଖଣ୍ଡେ(୨୦), ଅନଶ ସମୀର ଚାଭାନ(୧୮), ଉତ୍କଳ ଆନନ୍ଦ ସିଙ୍ଗଟେ(୨୧) ଅନିଲ ଅଭିମାନୁ ସିଙ୍ଗଟେ(୨୫) ଏବଂ ନିତିନ କିସାନ ନାୟକଡେ(୨୫)। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ସେମାନେ ସ୍କର୍ପିଓକୁ ଘାଟିରେ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ।

ହ୍ୱାଇଟ ହାଉସ ନିକଟରେ ଗୁଳିକାଣ୍ଡ

ୱାଶିଂଟନ,୨୫/୫: ଆମେରିକା ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ହ୍ୱାଇଟ ହାଉସ ନିକଟରେ ଶନିବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଥିବା ଜଣାପଡିଛି। ତେବେ ସୁରକ୍ଷା କର୍ମୀଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନରେ ଆତତାୟୀ ପ୍ରାଣ ହରାଇଥିବା କୁହାଯାଇଛି। ସୂଚନାଯୋଗ୍ୟ ଜଣେ ବ୍ୟକ୍ତି ହ୍ୱାଇଟ ହାଉସ ନିରାପତ୍ତା ଚେକ୍ ? ପୋଷ୍ଟ ନିକଟରେ ପହଂଚି ହଠାତ୍ ବ୍ୟାଗରୁ ପିସ୍ତଲ ବାହାର କରିବା ସହ ସେଠାରେ ମୁତୟନ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲା। ତେବେ ସୁରକ୍ଷା କର୍ମୀଙ୍କ ପାଲଟା କାର୍ଯ୍ୟାନୁଷ୍ଠାନରେ ଆକ୍ରମଣକାରୀ ଗୁରୁତର ଆହତ ହୋଇଥିଲା। ଡାକ୍ତରଖାନା ନିଆଯାଇଥିଲେ ସୁଦ୍ଧା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହ୍ୱାଇଟ ହାଉସକୁ ସଂଯୋଗ କରୁଥିବା ପେନସିଲଭାନିଆ ଏଭିନ୍ୟୁ ରାସ୍ତାରେ ଏହି ଘଟଣା ଘଟିଛି। ସୁରକ୍ଷା କର୍ମୀ ଓ ଆତତାୟୀ ମଧ୍ୟରେ ଗୁଳି ବିନିମୟ ଚାଲିଥିବାବେଳେ ଜଣେ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଛନ୍ତି। ଆକ୍ରମଣ ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ ହାଉସରେ ଉପସ୍ଥିତ ଥିଲେ। ଏହି ଘଟଣା ପରେ କିଛିସମୟ ପାଇଁ ହ୍ୱାଇଟ ହାଉସକୁ ଲକ୍ ?ଡାଉନ କରାଯାଇଥିଲା।

ଆବଶ୍ୟକ ହେଲେ ପୁଣି ଥରେ ଆକ୍ରମଣ କରିବୁ:

ଆମେରିକା-ଇରାନ ଆଲୋଚନା ମଧ୍ୟରେ ଚେତାବନୀ ଦେଲା ଇସ୍ରାଏଲ

ଜେରୁଜେଲମ୍,୨୫/୫: ଇସ୍ରାଏଲୀ ସେନା ମୁଖ୍ୟ ଜେନେରାଲ ଆୟଲ ଜମିର ଉତର କମାଣ୍ଡରେ ଏକ ସୁରକ୍ଷା ସମୀକ୍ଷା ସମୟରେ କହିଛନ୍ତି ଯେ, ଆବଶ୍ୟକ ହେଲେ ସେନା ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଆଲୋଚନାରେ କିଛି ଅଗ୍ରଗତି ହେବାର ରିପୋର୍ଟ ଆସୁଛି। ଜମିର କହିଛନ୍ତି ଯେ, ଇସ୍ରାଏଲୀ ସେନା ତୁରନ୍ତ ଏବଂ ବଡ଼ ସ୍ତରରେ ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଆରମ୍ଭ କରିବାକୁ ପ୍ରସ୍ତୁତ। ସାମରିକ ବାହିନୀର ଲକ୍ଷ୍ୟ ହେଉଛି ଇରାନର କ୍ଷମତାକୁ ଯଥାସମ୍ଭବ ଦୁର୍ବଳ କରିବା। ସିନହୁଆ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତି ବୃଦ୍ଧି କରିବା ଏବଂ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ପାଇଁ ଆଲୋଚନା ଚାଲିଛି। ତଥାପି, ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଦୁଇ ଦେଶ ମଧ୍ୟରେ ମତଭେଦ ରହିଛି। ସେନା ମୁଖ୍ୟ ଜମିର କହିଛନ୍ତି, ଇସ୍ରାଏଲୀ ସେନା ଲେବାନନରେ ହିଜବୁଲ୍ଲା ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ତାଙ୍କ ଅନୁସାରେ, ସେନା ପ୍ରତ୍ୟେକ ସ୍ତରରେ ହିଜବୁଲ୍ଲାକୁ ଟାର୍ଗେଟ କରୁଛି। ଏପ୍ରିଲରେ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା, କିନ୍ତୁ ଏହା ସତ୍ତ୍ୱେ ଇସ୍ରାଏଲୀ ସେନା ଏପର୍ଯ୍ୟନ୍ତ ଦକ୍ଷିଣ ଲେବାନନରୁ ସୈନ୍ୟ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନାହିଁ। ଇସ୍ରାଏଲ କହିଛି, ହିଜବୁଲ୍ଲା ଶିବିର ଏବଂ ସଦସ୍ୟମାନଙ୍କୁ ଟାର୍ଗେଟ କରି ପ୍ରତିଦିନ ଆକ୍ରମଣ ଜାରି ରହିଛି। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି ଯେ, ସେ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକମତ ହୋଇଛନ୍ତି।

ବିଜେଡି ଛାଡ଼ିଲେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ

ଭୁବନେଶ୍ୱର/କଟକ,୨୫/୫(ନି/ପ୍ର) :ବିଜେଡି ଛାଡ଼ିଲେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ। ଏନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଲେ। ସେ ନିଜର ଇସ୍ତଫାପତ୍ରରେ ଦର୍ଶାଇଛନ୍ତି ଯେ ଦଳ ପାଇଁ ନିଜକୁ ଉତ୍ସର୍ଗ କରିଛି। ମୋର ସେବାକୁ ଦଳ ଆଉ ଦରକାର କରୁନାହିଁ। ଦଳରେ ମୋତେ ଗୁରୁତ୍ୱ ଓ ସମ୍ମାନ ଦିଆଯାଉନଥିଲା। ବିଜେପିରେ ସାମିଲ ହେବେ ଦେବାଶିଷ ସେ ଆଜି ଅପରାହ୍ଣରେ ବିଜେପିରେ ସାମିଲ ହେବେ ବୋଲି ସୂଚନା ମିଳିଛି। ବିଜେଡି ରାଜନୀତିରେ ପୁଣି ଏକ ବଡ଼ କମ୍ପନ ସୃଷ୍ଟି ହୋଇଛି। ରାଜ୍ୟସଭା ସଦସ୍ୟ ତଥା ତିନିଥରର ବିଧାୟକ ଦେବାଶିଷ ସାମନ୍ତରାୟ ବିଜେଡି ଛାଡ଼ିଛନ୍ତି। ସେ ଦଳ ଛାଡୁଥିବା ସଂପର୍କରେ ଉପର ମହଲରେ ଆଲୋଚନା ଜୋର ଧରିଥିଲା। ଦେବାଶିଷ ଉଭୟ ବିଜେଡି ଓ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହେବେ ଏବଂ ତାଙ୍କୁ ବିଜେପି ପକ୍ଷରୁ ପୁଣି ରାଜ୍ୟସଭାକୁ ମନୋନୀତ କରାଯିବ। ଏହି ପ୍ରକାର ଘଟଣାକ୍ରମ ଯଦି ସତ ହୁଏ, ତା'ହେଲେ କଟକ ରାଜନୀତିରେ ଏକ ବଡ଼ ପରିବର୍ତନ ଦେଖିବାକୁ ମିଳିବ। ପୂର୍ବରୁ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ଅତ୍ୟନ୍ତ ଘନିଷ୍ଠ ଥିବା ଦେବାଶିଷ ବିଭିନ୍ନ କାରଣରୁ ଅସନ୍ତୁଷ୍ଟ ଥିଲେ। ନବୀନ ଓ ତାଙ୍କ ମଧ୍ୟରେ ଦୂରତା ସୃଷ୍ଟି କରାଯାଇ ଆସୁଥିଲା। ତାଙ୍କର ଅନୁଗତମାନଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉ ନ ଥିଲା। ଏମିତିକି ତାଙ୍କୁ ଯେଉଁ ବରିଷ୍ଠ ଉପସଭାପତି (ବରିଷ୍ଠ ନାଗରିକ) ପଦ ଦିଆଯାଇଥିଲା, ତାହାକୁ ଦେବାଶିଷ ପ୍ରତ୍ୟାଖ୍ୟାନ କରିଥିଲେ। ଗତ କିଛି ମାସ ହେଲା ଦେବାଶିଷ ବି ଦଳ ଭିତରେ ଘଟୁଥିବା ପରିବର୍ତନ ସଂପର୍କରେ କୌଣସି ଟୀକା ଟିପ୍ପଣୀ ଦେବାରୁ ନିଜକୁ ଦୂରେଇ ରଖୁଥିଲେ। ଦେବାଶିଷ ଯଦି ବିଜେପିରେ ଯୋଗ ଦିଅନ୍ତି, ତେବେ ତାହାର ପ୍ରଭାବ କଟକ, ତିର୍ତୋଲ ଓ ପାରାଦୀପ ରାଜନୀତିରେ ଅନୁଭୂତ ହେବ ବୋଲି ଆକଳନ କରାଯାଉଛି।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ପାଠ୍ୟପୁସ୍ତକରେ 'ଅଲଚିକି'ର ପ୍ରଚଳନ ଦାବି

ମୟୁରଭଞ୍ଜ,୨୫/୫ (ନି/ପ୍ର): ଏହି ସାକ୍ଷାତକାର ସମୟରେ ପ୍ରତିନିଧି ଦଳ ଘଉରଜଞ୍ଜ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରକାଶିତ ସାନ୍ତାଳୀ ପାଠ୍ୟପୁସ୍ତକଗୁଡ଼ିକରେ 'ଅଲଚିକି' ଲିପିକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରିବାକୁ ଅନୁରୋଧ କରିଛନ୍ତି। ବର୍ତ୍ତମାନ ସାନ୍ତାଳୀ ଶିକ୍ଷାଦାନ ସାମଗ୍ରୀରେ 'ଦେବନାଗରୀ' ଲିପିର କ୍ରମାଗତ ବ୍ୟବହାରକୁ ନେଇ ସେମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ପ୍ରତିନିଧି ଦଳ ଦର୍ଶାଇଛନ୍ତି ଯେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଆବିଷ୍କୃତ 'ଅଲଚିକି' ହେଉଛି ସାନ୍ତାଳୀ ଭାଷାର ଏକମାତ୍ର ମୂଳ ଏବଂ ବୈଜ୍ଞାନିକ ଲିପି, ଯାହା ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆସାମର ସାନ୍ତାଳୀ ସଂପ୍ରଦାୟ ମଧ୍ୟରେ ବହୁଳ ଭାବରେ ଆଦୃତ। ଚଳିତ ବର୍ଷ ନୂଆଦିଲ୍ଲୀରେ 'ଓଲଚିକି' ଲିପିର ଐତିହାସିକ ଶତବାର୍ଷିକୀ ସମାରୋହ (୧୯୨୫-୨୦୨୫) ବସଫଳତାର ସହ ସମ୍ପନ୍ନ ହେବା ପରେ ରାଷ୍ଟ୍ରପତିଙ୍କ ସହ ଏହି ପ୍ରତିନିଧି ଦଳର ଏହା ପ୍ରଥମ ସାକ୍ଷାତ ଥିଲା। ଜାତୀୟ ସ୍ତରରେ ସାନ୍ତାଳୀ ଭାଷାର ପ୍ରସାର ଦିଗରେ ମାନ୍ୟବର ରାଷ୍ଟ୍ରପତିଙ୍କ ନିରନ୍ତର ସହଯୋଗ ପାଇଁ ପ୍ରତିନିଧି ଦଳ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଶେଷ କରି ଆଗାମୀ ୨୦୨୬-୨୦୨୭ ଶିକ୍ଷାବର୍ଷରୁ ଉଈଝର ପାଠ୍ୟକ୍ରମରେ ସାନ୍ତାଳୀ ଭାଷାକୁ ସାମିଲ କରାଯିବା ନିଷ୍ପତ୍ତିକୁ ଏହି ଅବସରରେ ସ୍ୱାଗତ କରାଯାଇଛି। ଏହି ସାକ୍ଷାତକାର କାଳରେ 'ଫାଗୁନ୍' ପତ୍ରିକାର ସଦସ୍ୟା ସୁଲୋଚନା ହାଁସଦା ସାନ୍ତାଳୀ ସଂସ୍କୃତି ଓ ପରିଚୟର ପ୍ରତୀକ ସ୍ୱରୂପ ଏକ ପାରମ୍ପରିକ 'ସାନ୍ତାଳୀ ଝାଲ୍ ଶାଢ଼ି' ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ରାଷ୍ଟ୍ରପତି ମଧ୍ୟ ସାନ୍ତାଳୀ ଭାଷା, ସାହିତ୍ୟ ଓ ଓଲ୍ ଚିକି ଲିପିର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସମସ୍ତ ବ୍ୟକ୍ତି ଓ ଅନୁଷ୍ଠାନର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ନିଜର ସାଂସ୍କୃତିକ ଜେରକୁ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହା ବ୍ୟତୀତ, ଦେଶର ରାଜଧାନୀ ନୂଆଦିଲ୍ଲୀରେ ସାନ୍ତାଳୀ ସଂପ୍ରଦାୟର ପରମ୍ପରା, ରୀତିନୀତି ଏବଂ ସାଂସ୍କୃତିକ ପରିଚୟର ପ୍ରସାର ପାଇଁ ଏକ 'ଜାହେର ଗାଡ଼' ପ୍ରତିଷ୍ଠା କରିବା ପ୍ରସ୍ତାବ ଉପରେ ମଧ୍ୟ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି।

ରୋଜଗାର ମେଳାରେ ଓଡ଼ିଶାରୁ ୧୮୬ ଜଣଙ୍କୁ ନିଯୁକ୍ତି ପତ୍ର ବଂଟନ

ଭୁବନେଶ୍ୱର,୨୫/୫(ନି/ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ୧୯ତମ ଜାତୀୟ ରୋଜଗାର ମେଳାର ଅଂଶସ୍ୱରୂପ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନବନିଯୁକ୍ତ ଯୁବକଯୁବତୀମାନଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତି ପତ୍ର ବଂଟନ କରିଛନ୍ତି। ଦେଶବ୍ୟାପୀ ୪୭ଟି ସ୍ଥାନରେ ଏକକାଳୀନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ଭୁବନେଶ୍ୱରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରେଳ ଅଡିଟୋରିୟମ ଠାରେ ଆଂଚଳିକ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଓରାମ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସାଧୁତା ଓ ନିଷ୍ଠା ବଜାୟ ରଖି ନିଜ ନିଜ ସଂଗଠନ ମଧ୍ୟରେ ସମ୍ମାନ ଅର୍ଜନ କରିବାକୁ ଏବଂ ନିଜର ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ଜନସାଧାରଣଙ୍କ ସହ ସମ୍ମାନଜନକ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମନୋନୀତ ୧୮୬ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଏହି ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆଦି ଅନ୍ତର୍ଭୁକ୍ତ। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ, ଯେଉଁମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ; ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ; ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମକାର; ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ନିର୍ମଳଜିତ

ସୁଜଳ ସେଠୀଙ୍କୁ ଡିସିସି ସାଧାରଣ ସମ୍ପାଦକ ମିଡ଼ିଆ ଓ ଅଫିସ ପରିଚାଳନାର ଅତିରିକ୍ତ ଦାୟିତ୍ୱ

କେନ୍ଦୁଝର,୨୫/୫(ନି/ପ୍ର): ଜିଲ୍ଲା କଂଗ୍ରେସ ଆଗକୁ କିପରି ସୁସଂଗଠିତ ଭାବେ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସଦୁପଯୋଗ କରି ସାମାଜିକ ଗଣମାଧ୍ୟମ ସହିତ ଆଗକୁ ବଢିବ ଓ ସାମ୍ବାଦିକ ମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ ରଖିପାରିବ, କଂଗ୍ରେସର ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସୋସିଆଲ ମିଡ଼ିଆ ଜରିଆରେ ଲୋକଲୋଚନକୁ ଆସିବାରେ ସକ୍ଷମକରାଯାଇ ସାଧାରଣଙ୍କ ନିକଟରେ ସହଜଗମ୍ୟ ହେବ ଏହାକୁ ଗୁରୁତ୍ୱଦେଇ ସୁଜଳ ସେଠୀଙ୍କୁ ଡିସିସି ସାଧାରଣ ସମ୍ପାଦକ ଦାୟିତ୍ୱ ସହ ସୋସିଆଲ ମିଡ଼ିଆ, ଅଫିସ ଓ ନିର୍ବାଚନୀ ପ୍ରକ୍ରିୟା କାର୍ଯ୍ୟ ସମ୍ପାଦନ ପାଇଁ ଡିସିସି ସଭାପତି ମନୋଜ କୁମାର ଜେନା ନିଯୁକ୍ତି କରିଛନ୍ତି। ଶ୍ରୀ ସେଠୀ ଆଗରୁ ବହୁ ଥର କଂଗ୍ରେସ ସୋସିଆଲ ମିଡ଼ିଆ ଭଳି ଗରୁତ୍ୱପୂର୍ଣ୍ଣ ପଦବୀଙ୍କୁ ସୁଚାରୁରୂପେ ତୁଲାଇଥିଲେ, ସେ ଜଣେ କଂଗ୍ରେସ ପ୍ରେମୀ ଓ ସୋସିଆଲ ମିଡ଼ିଆ ସହିତ ଅଙ୍ଗାଙ୍ଗୀଭାବେ ଜଡିତ, ଲୋକସମ୍ପର୍କ ଭାଇଚାରା ମିଜାସର ଓ ଲୋକପ୍ରିୟତା ଥିବାରୁ ତାଙ୍କୁ ଏହି ଗୁରୁତ୍ୱପୂର୍ଣ ଦାୟିତ୍ୱ ଦିଆଯାଇଛି । ଜିଲ୍ଲା କଂଗ୍ରେସ ମୁଖପାତ୍ର ଭାବେ ଦୀପକ କୁମାର ରାଜ, ବିଶ୍ୱରଂଜନ ପାଣିଗ୍ରାହୀ, ଚଣ୍ଡୀ ପ୍ରସାଦ ପାଣିଗ୍ରାହୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି । ଏଥିପାଇଁ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ପିସିସି ସଭାପତି ଉକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ମନ୍ତ୍ରମୁଗ୍ଧ ସିନେମା ଦେଖିଲେ ଆମେ କେନ୍ଦୁଝରିଆ ସଂଗଠନର ସଦସ୍ୟ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,୨୫/୫(ନି/ପ୍ର): ରାଜଧାନୀ ଭୁବନେଶ୍ୱରଠାରେ 'ଆମେ କେନ୍ଦୁଝରିଆ' ଅନୁଷ୍ଠାନର ସଦସ୍ୟମାନେ ଏକାଠି ହୋଇ ସ୍ଥାନୀୟ ମହାରାଜା ହଲରେ ସଫଳ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ଉପଭୋଗ କରିଛନ୍ତି । କେନ୍ଦୁଝର ମାଟିର ପୁଅ ତଥା ଏହି ସିନେମାର ପ୍ରଯୋଜକ ଓ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ଏହି ଅନନ୍ୟ କୃତିକୁ ଦେଖି ସଂଗଠନର ସଦସ୍ୟମାନେ ବେଶ୍ ବିଭୋର ହୋଇଛନ୍ତି । ଏହି ସ୍ୱତନ୍ତ୍ର ଅବସରରେ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଶୁଭେଚ୍ଛା ଜଣାଯାଇଥିଲା । ଶ୍ରୀ ପଟ୍ଟନାୟକ ମଧ୍ୟ ତାଙ୍କ ସିନେମା ଟିମ୍ ସହିତ ଉପସ୍ଥିତ ରହି 'ଆମେ କେନ୍ଦୁଝରିଆ'ର ସଦସ୍ୟମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲେ । ଗତ ମେ ୧ ତାରିଖରେ ମୁକ୍ତିଲାଭ କରିଥିବା 'ମନ୍ତ୍ରମୁଗ୍ଧ' ସିନେମାଟି ସାରା ଓଡ଼ିଶା ସମେତ ରାଜ୍ୟ ବାହାରେ ମଧ୍ୟ ଦର୍ଶକଙ୍କ ପ୍ରଭୂତ ଭଲପାଇବା ସାଉଁଟିବାରେ ସଫଳ ହୋଇଛି । ମାତ୍ର ୧୫ ଦିନ ମଧ୍ୟରେ ଏହି ଚଳଚ୍ଚିତ୍ର ୩ କୋଟିରୁ ଅଧିକ ଟଙ୍କା ଆୟ କରି ଓଡ଼ିଆ ସିନେମା ଜଗତରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛି । ଯାହା ସମଗ୍ର କେନ୍ଦୁଝର ମାଟି ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ଏହି ଅବସରରେ 'ଆମେ କେନ୍ଦୁଝରିଆ' ସଂଗଠନର ସଦସ୍ୟ ଡେଜି ଶତପଥୀ, ମନୋଜ ନାଥ, ଅର୍ପଣ ମିଶ୍ର, ଦେବୀ ପ୍ରସାଦ ଜେନା, ଆଲୋକ ରଞ୍ଜନ ବେହେରା, ଅରୁଣ ନାୟକ, ସରୋଜ ବେହେରା, ଗୁରୁପଦ ନାଥ, ପ୍ରଣତି ରାଉତରାୟ, ଅଜୟ ନାଥ, ଆଶିଷ ନାଥ ପ୍ରମୁଖଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହ ଆଗାମୀ ଦିନରେ ସିନେମାଟି ଆହୁରି ଅଧିକ ସଫଳତା ହାସଲ କରୁ ବୋଲି କାମନା କରିଛନ୍ତି ।

ରୋଟାରୀ କ୍ଲବ୍ କେନ୍ଦୁଝରଗଡ ପକ୍ଷରୁ ଶୀତଳ ପାନୀୟ ଜଳ ମେସିନ୍ ପ୍ରଦାନ

କେନ୍ଦୁଝର,୨୫/୫(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ରୋଟାରୀ କ୍ଲବ୍ କେନ୍ଦୁଝରଗଡ଼ ପକ୍ଷରୁ ମଣ୍ଡୁଆସ୍ଥିତ ମା ତାରିଣୀଙ୍କ ମନ୍ଦିର ପରିସରରେ ଭକ୍ତ ମାନଙ୍କୁ ଶୀତଳ ପାନୀୟ ଜଳର ସୁବିଧା ପାଇଁ ଏକ ଜଳ ବିଶୋଧନ ସହ ଶୀତଳ ଜଳ ପ୍ରଦାନ କରୁଥିବା ୱାଟର କୁଲର୍ ସ୍ଥାପନ କରାଯାଇଛି । ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ମନୋଜ ତ୍ରିପାଠୀ ଏବଂ ଫାର୍ଷ୍ଟ ଲେଡି ରୋଟାରିଆନ୍ ମଧୁସ୍ମିତା ତ୍ରିପାଠୀ ଏହି ସେବା ମୂଳକ ପ୍ରକଳ୍ପକୁ ଉଦଘାଟନ କରିଥିଲେ । ରୋଟାରୀ କ୍ଲବ୍ କେନ୍ଦୁଝରଗଡ଼ର ସଭାପତି ରୋଟାରିଆନ୍ ହରିହର ମହାନ୍ତ ଏବଂ ସମ୍ପାଦକ ରୋଟାରିଆନ୍ ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଥଣ୍ଡା ଜଳ ପ୍ରଦାନ କରୁଥିବା ମେସିନ୍ ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୋଟାରିଆନ୍ ଦେବ୍ରତ ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ନିରୁପମା ସ୍ୱାଇଁ ଏବଂ ମନ୍ଦିର ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ତଥା ଭକ୍ତଗଣ ଉପସ୍ଥିତ ଥିଲେ । ରୋଟାରୀ କ୍ଲବ୍ କେନ୍ଦୁଝରଗଡ଼ର ଏହି ସେବା ମୂଳକ କାର୍ଯ୍ୟକୁ ସାଧାରଣ ରେ ଉଚ୍ଚ ପ୍ରଶଂସା କରାଯାଇଛି ।

ଜମି ପାଇଁ ବାପାଙ୍କୁ ହାଣିଲେ ୨ ପୁଅ

ସୋର,୨୫/୫(ନି/ପ୍ର): ଜମିବାଡ଼ି ବିବାଦରୁ ସୋର କୋର୍ଟ ସମ୍ମୁଖରେ ବାପାକୁ ଗୋଡେଇଗୋଡେଇ ତେଲେଙ୍ଗା କଟୁରିରେ ଦୁଇ ପୁଅ ଆକ୍ରମଣ କରିଥିଲେ। ପୁଅଙ୍କ ଆକ୍ରମଣରେ ବାପା ଗୁରୁତର ଆହତ ହୋଇ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ସୋର ତୁଣ୍ଡପଡା ଗ୍ରାମର ଗଣେଶ ବାରିକ (୪୫) ତାଙ୍କ ଜମିରୁ ଭାଗ ନଦେବାରୁ ଦୀର୍ଘଦିନ ଧରି ବାପା ଓ ଦୁଇ ପୁଅଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଆଜି ମଧ୍ୟାହ୍ନରେ ବଡ଼ପୁଅ କିରଣ କୁମାର ବାରିକ (୨୩) ଓ ସାନପୁଅ କ୍ଷୀରୋଦ କୁମାର ବାରିକ (୧୯) ଗଣେଶଙ୍କୁ ସୋର କୋର୍ଟ ନିକଟକୁ ଡକାଇଥିଲେ। ସେଠାରେ ଜମିବାଡ଼ି ବିବାଦରୁ ବଚସା ହେବା ପରେ ଦୁଇ ପୁଅ ବାପା ଗଣେଶଙ୍କୁ ଏକ ତେଲେଙ୍ଗା କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ଗଣେଶ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତର ଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସାନପୁଅ କ୍ଷୀରୋଦକୁ ସ୍ଥାନୀୟ ଲୋକେ କାବୁ କରି ସୋର ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ବଡ଼ପୁଅ କିରଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି।

କୃଷ୍ଣ ଲୀଳା ସଂସ୍କୃତିର ମହାନ ପ୍ରତିଷ୍ଠାତା ଶତାୟୁ ପୁରୁଷ ମିତ୍ରଭାନୁ ବାରିକଙ୍କ ପରଲୋକ

ଚମ୍ପୁଆ,୨୫/୫(ନି/ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ବରିଷ୍ଠ ଯାଦବ ତଥା କୃଷ୍ଣ ଲୀଳା ସଂସ୍କୃତିର ମହାନ ପ୍ରତିଷ୍ଠାତା ଶତାୟୁ ପୁରୁଷ ମିତ୍ରଭାନୁ ବାରିକ ୧୦୩ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଆଜି ସକାଳ ସମୟରେ ଦେହ ତ୍ୟାଗ କରି ପରଲୋକକୁ ଚାଲି ଯାଇଛନ୍ତି । ସେହି ମହାନ ପୁରୁଷଙ୍କୁ ୩ ନଭେମ୍ବର ୨୦୨୪ରେ ରାମଚନ୍ଦ୍ରପୁରରେ ଅନୁଷ୍ଠିତ ଗୋଷ୍ଠାଷ୍ଟମୀ ମହୋତ୍ସବରେ ଶତାୟୁ ପୁରୁଷ ରୂପେ ଜିଲ୍ଲା ଯାଦବ ମହାସଭା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ବିୟୋଗରେ ପରିବାରବର୍ଗଙ୍କ ସମେତ ରାମଚନ୍ଦ୍ରପୁର ଗ୍ରାମର ଆବାଳ ବୃଦ୍ଧ ବନିତା ବିଶେଷ ମର୍ମାହତ ହୋଇ ଯାଇଛନ୍ତି। ଏହାଦ୍ୱାରା କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ତଥା ଯୋଡା ବ୍ଲକ ଯାଦବ ସମିତିର ଏକ ଅପୂରଣୀୟ କ୍ଷତି ଘଟିଛି। ଏହି ମର୍ମନ୍ତୁଦ ଅବସ୍ଥାରେ ତାଙ୍କର ଶୋକାକୁଳ ପରିବାର ବର୍ଗଙ୍କୁ ସାନ୍ତ୍ୱନା ତଥା ସମବେଦନା ଜଣାଇବା ସହିତ ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ତରଫରୁ ଯଦୁପତି ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ଗାଁରେ ସରକାରୀ ଯୋଜନାର ସ୍ଥିତି ଅନୁଧ୍ୟାନ କଲେ ସଚିବ ବି. ପରମେଶ୍ୱରନ

ଜୟପୁର, ୨୫/୫(ନି/ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ସଚିବ ବି. ପରମେଶ୍ୱରନ ଆଜି କୋରାପୁଟ ବ୍ଲକ ଅନ୍ତର୍ଗତ ମେଣ୍ଟାଗୁଡ଼ା ଓ ପଡେଇଗୁଡ଼ା ଆଦିବାସୀ ଗ୍ରାମ ଗସ୍ତ କରି ସରକାରୀ ସୁବିଧା ଓ ଜୀବିକା କାର୍ଯ୍ୟକ୍ରମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶ୍ରୀ ପରମେଶ୍ୱରନ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ଶିକ୍ଷା, କୃଷି ପାଇଁ ଜଳସେଚନ, ପାନୀୟ ଜଳ, ଋତୁକାଳୀନ ଫସଲ ଓ ଜୀବିକାର ଉପଲବ୍ଧତା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଋଣ, ପୁଞ୍ଜି ନିବେଶ ଓ ଆୟ, ଏବଂ କ୍ଲଷ୍ଟର ସ୍ତରରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର କାର୍ଯ୍ୟାନ୍ୱୟନ ତଥା କୃଷି ଓ କ୍ଷୁଦ୍ର ଉଦ୍ୟୋଗରୁ ମିଳୁଥିବା ଫଳାଫଳର ସମୀକ୍ଷା କରିଥିଲେ। ସେ ନିକଟସ୍ଥ ଗ୍ରାମ ଓ ଜିଲ୍ଲା ସଦରରେ ଉତ୍ପାଦିତ ସାମଗ୍ରୀ ପାଇଁ ଉପଲବ୍ଧ ବଜାର ସୁବିଧା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଗସ୍ତ ଅବସରରେ କମିଶନର-ତଥା-ସଚିବ ମେଣ୍ଟାଗୁଡ଼ା କ୍ଲଷ୍ଟରରେ ଯୁବ ଲକ୍ଷ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ରତିରାମ ପୂଜାରୀଙ୍କ କମ୍ପ୍ୟୁଟର ୟୁନିଟ ପରିଦର୍ଶନ କରିଥିଲେ। ଆଦିବାସୀ ଯୁବକମାନେ ସୂଚନା ପ୍ରଯୁକ୍ତି ମାଧ୍ୟମରେ କିପରି ଆତ୍ମନିର୍ଭରଶୀଳ ହେଉଛନ୍ତି, ତାହା ସେ ଅନୁଧ୍ୟାନ କରିଥିଲେ। ଶ୍ରୀ ପରମେଶ୍ୱରନ କହିଥିଲେ ଯେ, 'ସରକାରଙ୍କ ସମସ୍ତ ଯୋଜନା ଶେଷ ବ୍ୟକ୍ତି ପାଖରେ ପହଂଚିବା ଲକ୍ଷ୍ୟ।

ଆମର ସାଂସ୍କୃତିକ ଭାବର ସୁରକ୍ଷା ଜରୁରୀ, ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ଥାପନ ହେଉ

ବଲାଙ୍ଗୀର,୨୫/୫(ନି/ପ୍ର): ଆଧୁନିକତାର ପ୍ରଭାବରେ ଆମର ପାରମ୍ପରିକ ଲୋକକଳା, ସଂସ୍କୃତି ତଥା ପରମ୍ପରା ଧୀରେ ଧୀରେ ହଜିଯାଉଛି। ଆମ ଅଂଚଳର ସ୍ୱତନ୍ତ୍ରତାକୁ ଦେଖାଇବାକୁ, ଏହାକୁ ଆମର ପରବର୍ତ୍ତୀ ପିଢ଼ିକୁ ସମର୍ପି ଦେବାକୁ ବର୍ତ୍ତମାନ ଠାରୁ ଉଦ୍ୟମ ଜରୁରୀ। ଲୋକକଳାହିଁ ଆମକୁ ପରିଚୟ ଦେଇ ଥିଲା, ଏବେ ଦେଉଛି ଓ ଆଗାମୀ ସମୟରେ ମଧ୍ୟ ଦେବ ବୋଲି ଗତ ସନ୍ଧ୍ୟାରେ ଲାଙ୍ଗୀରର ଐତିହାସିକ କୋଶଳ କଳାମଣ୍ଡଳ ପଡିଆରେ ଆୟୋଜିତ ନବମ ଲୋକକଳା ଉତ୍ସବ ୨୦୨୬ ର ଉଦ୍ଘାଟନୀ ସନ୍ଧ୍ୟାର ସାଂସ୍କୃତିକ ସଭାରେ ଆହ୍ୱାନ ଦେଇଛନ୍ତି ଅତିଥି ମାନେ। ବଲାଙ୍ଗୀରର ଦୂଲଦୁଲି କଳା ପରିଷଦ ତରଫରୁ ଆୟୋଜିତ ଏହି ଜାତୀୟ ସ୍ତରର ଉତ୍ସବରେ ଲୋକକଳାର ବିଭିନ୍ନ ସ୍ୱରୂପ ପ୍ରଦର୍ଶନ ଅବସରରେ ଏହି ମତ ପ୍ରକାଶ ପାଇଛି। ଦୂଲଦୁଲି କଳା ପରିଷଦର ସଭାପତି ଅନନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାର ଗୁରୁଃଶ୍ରୀ ରଞ୍ଜନ କୁମାର ସାହୁ, ମୁଖ୍ୟ ପୃଷ୍ଠପୋଷକ ଚଳଚ୍ଚିତ୍ର ଅଭିନେତ୍ରୀ ବିଦୁସ୍ମିତା ଦାଶ ମନ୍ତ୍ରୀ, ପରିଷଦର ଉପଦେଷ୍ଟା ଶତ୍ରୁଘନ ପାଣିଗ୍ରାହୀ, ପରିଷଦର ପୂର୍ବତନ ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମିଶ୍ର। ଏହି ଅବସରରେ ଅତିଥିମାନେ ନବମ ଲୋକକଳା ଉତ୍ସବକୁ ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କ ପୂଜା ଅର୍ଚ୍ଚନା କରି ଉଦଘାଟନ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଲୋକକଳାର ଅନନ୍ୟ ଶିଳ୍ପୀ ସଂକୀର୍ତ୍ତନ ଗୁରୁ ପ୍ରସାଦୀ ପୁଟେଲ, ଲୋକ ନାଟକ କଳାକାର ତଥା ଗୁରୁ ନବଦ୍ୱିପ ଚାନ୍ଦ ବେହେରା ଓ ଦଣ୍ଡ ନୃତ୍ୟଗୁରୁ ଯୁଗେଶ୍ୱର ପାତ୍ରଙ୍କୁ ନବମ ଲୋକକଳା ସମ୍ମାନରେ ସମ୍ମାନିତ କରିଥିଲେ ଅତିଥିମାନେ। ସାଂସ୍କୃତିକ ସଭାକୁ ପରିଚାଳନା କରିଥିଲେ ସନ୍ଦୀପ କୁମାର କୁଅଁର। ପରେ ପରେ ଅର୍ଜୁନ ସାହୁଙ୍କ ସଂଯୋଜନାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସାଂସ୍କୃତିକ ଦଳ ବିହୁ, ଘୁଡକା ଓ ଅନ୍ୟ ନୃତ୍ୟ ପରିବେଷଣ କରିଥିଲେ। ସୂଚନାଯୋଗ୍ୟ ଯେ ଗତକାଲି ସହସ୍ରାଧିକ କଳାକାର ଓ ବିଭିନ୍ନ ଲୋକନୃତ୍ୟ ଦଳ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

ବଲାଙ୍ଗୀର ପବ୍ଲିକ ସ୍କୁଲ ମେଟ୍ରିକ ଓ ଯୁକ୍ତଦୁଇ ମେଧାବୀଙ୍କୁ ସମ୍ବର୍ଦ୍ଧନା ଶିକ୍ଷା ହିଁ ଅଂଚଳର ସର୍ବାଙ୍ଗୀନ ବିକାଶ କରିଥାଏ :ନରସିଂହ

ବଲାଙ୍ଗୀର, ୨୫/୫(ନି/ପ୍ର): ପ୍ରତ୍ୟେକ ବର୍ଷ ଆମ ଅଂଚଳରୁ ଅନେକ ମେଧାବୀ ଛାତ୍ର ଛାତ୍ରୀ ମେଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାରେ ଉତିର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ଆଗକୁ ବଢୁଛନ୍ତି। ଏ ବର୍ଷ ମଧ୍ୟ ଆମ ଜିଲ୍ଲା ପଛରେ ନାହିଁ। ଛାତ୍ର ଛାତ୍ରୀମାନେ ଜାଣିବା ଦରକାର ଯେ ଉତମ ଶିକ୍ଷା ଆରୋହଣ ଦ୍ୱାରା ନିଜ ଜ୍ଞାନର ଗଭିରତା ବଢିଥାଏ ଏବଂ ଉତମ ଜ୍ଞାନ ଶକ୍ତି ସମାଜର ପ୍ରତ୍ୟେକ ସମସ୍ୟାକୁ ଠିକ୍ ହିସାବରେ ବୁଝି ଏକ ଉତମ ନିଷ୍କର୍ଷରେ ପହଂଚିଥାଏ। ଆମ ଛାତ୍ର ଛାତ୍ରୀମାନେ କେବେ ହେଲେ ବି ଶିକ୍ଷା ପ୍ରତି ବିମୁଖ ହେବା କଥା ନୁହେଁ କାରଣ କେବଳ ଶିକ୍ଷା ହିଁ ଆମର ସର୍ବାଙ୍ଗୀନ ବିକାଶ କରିଥାଏ ଏବଂ ଅଂଚଳକୁ ସାମଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶର ଚରମ ସୀମାକୁ ପହଂଚାଇଥାଏ ବୋଲି ଆଜି ବଲାଙ୍ଗୀର ପବ୍ଲିକ ସ୍କୁଲରୁ ମେଟ୍ରିକ ଏବଂ ଯୁକ୍ତଦୁଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଛାତ୍ର ଛାତ୍ରୀଙ୍କୁ ଉଦ୍ଦେଶ୍ୟରେ କହିଛନ୍ତି। ସେ ଏହା ବି କହିଛନ୍ତି ଯେ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥଙ୍କ ଲିଖିତ ଏକ ପୁସ୍ତକ ଅନୁସାରେ ଏକଦା ଶିକ୍ଷା କ୍ଷେତ୍ରରେ ଆମ ଅଂଚଳ ଅନେକ ବିକାଶ କରିଥିଲା। ଆମ ଲୋକେ ସେ ସମୟରେ ଶିକ୍ଷା, ସଂସ୍କୃତି ଓ ଅର୍ଥନୈତିକ ସ୍ତରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିପାରିଥିଲେ। ଅଂଚଳ ଧନଧାନ୍ୟରେ ପରିପୂର୍ଣ୍ଣ ଥିଲା କିନ୍ତୁ ପରବର୍ତ୍ତି ସମୟରେ ରାଜତନ୍ତ୍ର ଶାସନ ଦ୍ୱାରା ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ସହ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରାଗଲା। ତେଣୁ ଆଜି ଉପସ୍ଥିତ ଥିବା ଅଭିଭାବକ ଏବଂ ଆମକୁ ଗର୍ବିତ କରିଥିବା ଏହି ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ମୁଁ କହିବାକୁ ଚାହେଁ ଯେ ସବୁବେଳେ ଶିକ୍ଷାକୁ ହିଁ ପ୍ରାଧାନ୍ୟ ଦିଅନ୍ତୁ। ଯେତେ ପ୍ରତିକୂଳ ପରିସ୍ଥିତି ଆସୁ ଆପଣମାନେ ଶିକ୍ଷା ଗ୍ରହଣ କୁ ନେଇ କୌଣସି ସାଲିସ କରନ୍ତୁ ନାହିଁ କାରଣ ଆପଣମାନେ ହିଁ ଏହି ଦେଶର ଭବିଷ୍ୟତ, ଏବଂ ଆପଣମାନଙ୍କ ଶିକ୍ଷା ହିଁ ଦେଶର ଗଣତନ୍ତ୍ରକୁ ସୁରକ୍ଷିତ ରହିପାରିବ ବୋଲି କହିଥିଲେ। ବଲାଙ୍ଗୀର ପବ୍ଲିକ ସ୍କୁଲର ସର୍ବାଙ୍ଗିନ ବିକାଶକୁ ନେଇ ପରିଚାଳନା କମିଟିକୁ ଅଭିନନ୍ଦନ ଜଣାଇବା ସହ ନାରୀ ଶିକ୍ଷା ଦିଗରେ ନାମଲେଖା ପାଇଁ ସ୍କୁଲ ତରଫରୁ ୩୩% ସିଟ ସଂରକ୍ଷଣ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ଦଶମ ଶ୍ରେଣୀ ରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ରଖିଥିବା ଛାତ୍ରୀ ମୁକ୍ତାରାଣୀ ସାହୁ, ସରନ୍ୟା ରେଡ୍ଡି, ନିଶିତା ନାୟକ, ପ୍ରମୁଖ ନାଗ, ଆରଜୁ ରଣା, ପ୍ରିୟାଂଶ ପଣ୍ଡା, ସଲୋନି ନାୟକ, ଆଦ୍ୟାଶା ସାହୁ, ଦେବଦର୍ଶିନି ସାହାଣି, ଶ୍ରିତମ ପଟେଲ, ଅରୋଶ୍ରୀ ମିଶ୍ରଙ୍କୁ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଠିକ୍ ସେହିପରି ଯୁକ୍ତ ଦୁଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ କରିଥିବା ଛାତ୍ର କୌଶିକ କୁମାର ସାହୁ, ସାହିଲ କୁମାର ଦାଶ, ପୌଲମି ଯୋଷୀ, ବିଶ୍ୱଜିତ ସାହୁ, ଆଦର୍ଶ ଦାଶ, ବିନୟ ମେହେର, ଅନନ୍ୟା ପଣ୍ଡା, ଆର୍ଯ୍ୟଶ୍ଳୋକ ମୁଣ୍ଡ, ସିଦ୍ଧାର୍ଥ ଲେଙ୍କା, ଜ୍ୟୋତି ପ୍ରକାଶ ଭୋଇ, ସ୍ୱାଗତ ପ୍ରଧାନ, ଶ୍ଳୋକ ସୌରଭ ସାହୁ, ଗୌରୀ ବେହେରା ଓ ମୁକ୍ତିସୁଧା ପାତ୍ରଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ସହି ସମ୍ବର୍ଦ୍ଧନା ସଭା ପୂର୍ବରୁ ବଲାଙ୍ଗୀର ପବ୍ଲିକ ସ୍କୁଲର ୧୨ଟି ଶ୍ରେଣୀ କୋଠରୀ ଥିବା ଏକ ତିନି ତଳ କୋଠାର ଉଦ୍ଘାଟନ ମୁଖ୍ୟ ଅତିଥି ଶ୍ରୀ ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ରଙ୍କ ବ୍ୟତିତ ସ୍କୁଲ ପରିଚାଳନା କମିଟି ସଭାପତି ବିରେନ୍ଦ୍ର କୁମାର ମିଶ୍ର, ସଂପାଦକ ଗୋପାଳ କୃଷ୍ଣ ସିଂଦେଓ, ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ସ୍କୁଲ ଅଧ୍ୟକ୍ଷ ସତିଶ ପ୍ରଧାନ, ହରେକୃଷ୍ଣ ନାଏକ ପ୍ରମୁଖ ନାଏକ ପ୍ରମୁଖ ମଂଚାସିନ ଥିଲେ।

ବିବିଧା

ଆଜିର ରାଶିଫଳ

ମେଷ: ଦିନଟି ହସଖୁସିରେ କଟିବ। ନୂଆ ଚାକିରିର ସୁଯୋଗ ଆସିବ। କୌଣସି ମାଙ୍ଗଳିକ କାର୍ଯ୍ୟରେ ସାମିଲ ହେବେ। ଚିଡ଼ଚିଡ଼ା ସ୍ୱଭାବ ଯୋଗୁଁ ହଇରାଣ ହେବେ। ବାଦବିବାଦରୁ ଦୂରେଇ ରୁହନ୍ତୁ।

ବୃଷ: କର୍ମନିଷ୍ଠ ରହିବେ। ଖର୍ଚ୍ଚ ବୃଦ୍ଧି ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ବାପାଙ୍କ ସହ ଆଲୋଚନା କରନ୍ତୁ। ସଭାସମିତିରେ ଯୋଗ ଦେଇ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

ମିଥୁନ: ପରିବାରର ବରିଷ୍ଠ ସଦସ୍ୟଙ୍କ ସହ ମନୋମାଳିନ୍ୟ ଦେଖା ଦେବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ ଏବଂ ଅଧିକାରୀ କାମକୁ ନେଇ ଅସନ୍ତୁଷ୍ଟ ରହିବେ। ଭୁଲ୍ କାମ ପାଇଁ ମନସ୍ତାପ କରିବେ।

କର୍କଟ: ସାଂସାରିକ ଜୀବନ ହସଖୁସିରେ ଅତିବାହିତ ହେବ। ନୂଆ ଜିନିଷ କିଣାକିଣି କରିବେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ସେୟାର୍ ବଜାରରେ ନିବେଶ କରନ୍ତୁ।

ସିଂହ: ଭାଇଭଉଣୀଙ୍କ ମତାନ୍ତର ଦୂର ହେବ। ଖାଦ୍ୟପେୟ ଅଭ୍ୟାସରେ ପରିବର୍ତ୍ତନ ଆଣିବେ। ପେଟଜନିତ ସମସ୍ୟା ଦେଖା ଦେବ। ସମ୍ପତ୍ତି ସମ୍ବନ୍ଧୀୟ ମାମଲାରେ ବିଜୟ ହାସଲ କରିବେ।

କନ୍ୟା: ସ୍ୱାମୀ-ସ୍ତ୍ରୀ ଦୂର ସ୍ଥାନକୁ ଯାତ୍ରା କରିବେ। ପରିବାର ସଦସ୍ୟଙ୍କ କଥା ଆଘାତ ଦେବ। ଧୈର୍ଯ୍ୟର ସହ କାମ କରିବେ। ଆୟ ବଢ଼ିବା ହେତୁ ଖର୍ଚ୍ଚ ଅଧିକ ହେବ। ଅର୍ଥ ସଞ୍ଚୟ କରିବା ଯୋଜନା କରିବେ।

ତୁଳା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଛାତ୍ରଛାତ୍ରୀ ଅନ୍ୟମନସ୍କ ରହିବେ। କୌଣସି ଖୁସି ଖବର ମିଳିବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ନୂଆ କାମକୁ ଦାୟିତ୍ୱର ସହ କରିବେ।

ବିଛା: ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭଙ୍କର। ବନ୍ଧୁଙ୍କ ସହ ମତାନ୍ତର ଦୂର ହେବ। ଚାକିରି ଆଶାୟୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ବିବାହ ସମସ୍ୟା ସମାଧାନ ହେବ। ପୂଜା, ପାଠରେ ମନଯୋଗ ଦେବେ।

ଧନୁ: ଦିନଟି ବ୍ୟସ୍ତତା ଭିତରେ କଟିବ। ରାଜନୀତିରେ କ୍ୟାରିୟର କରିବା ପାଇଁ ଉପଯୁକ୍ତ ସମୟ। ପଡ଼ୋଶୀଙ୍କ ସହ ମତଭେଦ ସୃଷ୍ଟି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଭଲ ସମୟ।

ମକର: ସମାଜରେ ମାନ, ସମ୍ମାନ ବଢ଼ିବ। ଶତ୍ରୁଙ୍କୁ ପରାସ୍ତ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ହଜିଥିବା ଜିନିଷ ଫେରି ପାଇବେ ଧାର କରଜରୁ ଦୂରେଇ ରୁହନ୍ତୁ।

କୁମ୍ଭ: ପରିବାର ସଦସ୍ୟଙ୍କ ମଧ୍ୟରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କୁ ନେଇ ନୂଆ ସ୍ଥାନ ବୁଲିବାକୁ ଯିବେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

ମୀନ: ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିବେ। ଘରେ ପୂଜାପାଠ ଆୟୋଜନ କରିବେ। ଭାଇଭଉଣୀଙ୍କ ସହଯୋଗ ମିଳିବ। ଶାନ୍ତ ମନରେ କାମ କରିବେ। ବୈବାହିକ ଜୀବନ ସୁଖମୟ ହେବ।

ଆଜିର ଇତିହାସ

- ୧୯୬୩- ଆଫ୍ରିକୀୟ ଦେଶଙ୍କୁ ଏକଜୁଟ୍ କରିବା ପାଇଁ ଆଫ୍ରିକାର ୩୨ଟି ଦେଶ ଆଫ୍ରିକୀୟ ସଂଘର ଗଠନ କଲେ।
- ୧୯୮୫- ବାଂଲାଦେଶରେ ଆସିଥିବା ତୋଫାନରେ ୧୦ ହଜାର ଲୋକଙ୍କ ପ୍ରାଣହାନି।
- ୧୯୯୧- ଇସ୍ରାଏଲ ୧୪,୦୦୦ ଇହୁଦିଙ୍କୁ ଇଥୋପିଆରୁ ବାହାର କଲା।
- ୧୯୯୮ -ପରମାଣୁ ପରୀକ୍ଷା ପାଇଁ ଭାରତ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ୟୁରୋପୀୟ ସଂଘର ୧୫ଟି ଦେଶ ସହମତି ପ୍ରକାଶ କଲେ।

ବିଶ୍ୱ ଥାଇରଏଡ୍ ଦିବସ

ଥାଇରଏଡ୍ ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୨୫ ତାରିଖକୁ 'ବିଶ୍ୱ ଥାଇରଏଡ୍ ଦିବସ' ଭାବେ ପାଳନ କରାଯାଉଛି। ଥାଇରଏଡ୍ ହେଉଛି ବେକର ସାମ୍ନା ଭାଗରେ ଥିବା ଏକ ପ୍ରଜାପତି ଆକାରର ଗ୍ରନ୍ଥି, ଯାହା ଶରୀରର ହରମୋନ୍ ନିୟନ୍ତ୍ରଣ କରିଥାଏ। ଏହାର ଅନିୟମିତତା ମୁଖ୍ୟତଃ ଦୁଇଟି ରୋଗ ସୃଷ୍ଟି କରେ - ହାଇପୋଥାଇରଏଡିଜିମ୍ (ଓଜନ ବଢ଼ିବା) ଏବଂ ହାଇପରଥାଇରଏଡିଜିମ୍ (ଓଜନ କମିବା)। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ଏହା ବିରୋଧରେ ଲୋକଙ୍କୁ ସଚେତନ କରାଇବା ପାଇଁ ମେ ୨୫ ତାରିଖକୁ ବିଶ୍ୱ ଥାଇରଏଡ୍ ଦିବସ ଭାବେ ପାଳନ କରାଯାଇଥାଏ। ୨୦୦୭ ମସିହାରେ ୟୁରୋପିଆନ ଥାଇରଏଡ୍ ଆସୋସିଏସନ ପକ୍ଷରୁ ଥାଇରଏଡ୍ ଦିବସ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ବିଶ୍ୱସ୍ତରରେ ମାନ୍ୟତା ମିଳିବା ପରେ ପ୍ରତିବର୍ଷ ମେ ୨୫ ତାରିଖକୁ ଥାଇରଏଡ୍ ଦିବସ ଭାବେ ପାଳନ କରାଯାଉଛି। ହଠାତ୍ ଓଜନ ବଢ଼ିବା କିମ୍ବା କମିବା, ଅତ୍ୟଧିକ ଥକ୍କାପଣ, ଚୁଟି ଝଡ଼ିବା, ଏବଂ ବେକ ଫୁଲିଯିବା ଏହାର ସାଧାରଣ ଲକ୍ଷଣ ଅଟେ। ଥାଇରଏଡ୍ ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ରକ୍ତ ପରୀକ୍ଷା (TSH, T3, T4) କରାଇବା ଉଚିତ୍। ଶରୀରରେ ଥାଇରଏଡ୍‌ର ମାତ୍ରା ଜଣାପଡ଼ିବା ପରେ ଏହାର ଚିକିତ୍ସା କରାଯାଇଥାଏ। ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ଏହି ରୋଗ ଅଧିକ ଦେଖିବାକୁ ମିଳିଥାଏ। ଛୋଟ ପିଲାଙ୍କଠାରେ ମଧ୍ୟ ଥାଇରଏଡ୍ ସମସ୍ୟା ଦେଖିବାକୁ ମିଳୁଛି। ଛୋଟ ପିଲା ଥାଇରଏଡ୍ ରୋଗରେ ପୀଡ଼ିତ ହେଲେ ଏହା ସେମାନଙ୍କର ବିକାଶ ଉପରେ ପ୍ରଭାବ ପକାଇଥାଏ। ଥାଇରଏଡ୍‌କୁ ଏଡାଇବା ପାଇଁ, ସର୍ବପ୍ରଥମେ ଓଜନ ହ୍ରାସ କରିବା ଉଚିତ। ଏହା ସହିତ ସିଗାରେଟ, ମଦ୍ୟପାନ, ତମାଖୁ, ପ୍ରକ୍ରିୟାକୃତ ଖାଦ୍ୟ, ପାଷ୍ଟଫୁଡ଼, ଅତ୍ୟଧିକ ମିଠା ଇତ୍ୟାଦି ଖାଇବା ଅନୁଚିତ। ଫୁଲକୋବି, ବନ୍ଧାକୋବି ଏବଂ ବ୍ରୋକୋଲି ଥାଇରଏଡ୍ ସମସ୍ୟାକୁ ଆହୁରି ବଢ଼ାଇଥାଏ। ତେଣୁ ଏସବୁରୁ ଦୂରେଇ ରହିବା ଉଚିତ। ଏଥି ସହିତ, ଦୈନିକ ବ୍ୟାୟାମ ଏବଂ ପର୍ଯ୍ୟାପ୍ତ ନିଦ ନେବା ଆବଶ୍ୟକ। ଥାଇରଏଡ୍ ରୋଗୀ ସର୍ବଦା ଆୟୋଡିନଯୁକ୍ତ ଲୁଣ ଖାଇବା ଉଚିତ୍। ଆୟୋଡିନଯୁକ୍ତ ଲୁଣ ଥାଇରଏଡ୍ ଗ୍ରନ୍ଥିକୁ ସଠିକ୍ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ ଏବଂ ହାଇପୋଥାଇରଏଡିଜିମ୍‌ର ଆଶଙ୍କା ହ୍ରାସ କରେ।

'କଲ୍କୀ ୨' ପାଇଁ କମଲଙ୍କ ବଡ଼ ନିଷ୍ପତ୍ତି

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ହାତରେ ଏବେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି। ପ୍ରଭାସ ଏବେ ଯେଉଁ ଫିଲ୍ମକୁ ନେଇ ସବୁଠୁ ଅଧିକ ଚର୍ଚ୍ଚାରେ ଅଛନ୍ତି ତାହା ହେଉଛି 'କଲ୍କୀ ୨'। ମୂଳ ଫିଲ୍ମ 'କଲ୍କୀ ୨୮୯୮ ଏଡି'ରେ ପ୍ରଭାସଙ୍କ ସହ ଲିଡ୍ ରୋଲରେ ବିଗ୍ ବି ଅମିତାଭ ଓ କମଲ ହାସନ ନଜର ଆସିଥିଲେ। ଏହା ବକ୍ସ ଅଫିସ୍‌ରେ ୧୦୦୦ କୋଟିରୁ ଅଧିକ ଆୟ କରିଥିଲା। ଏହାର ସିକ୍ୱେଲରେ କମଲ ହାସନଙ୍କୁ ପୁଣି 'ସୁପ୍ରିମ୍ ୟାସ୍କିନ୍' ଭୂମିକାରେ ଦେଖିବାକୁ ମିଳିବ। ଏହାର ମୂଳ ଫିଲ୍ମରେ କମଲଙ୍କ ଭୂମିକା ବେଶ୍ ଛୋଟ ଥିଲା। ଫିଲ୍ମର ଶେଷରେ ହିଁ କମଲଙ୍କ ଲୁକ୍‌କୁ ରିଭିଲ୍ କରାଯାଇଥିଲା। ଏଥର କିନ୍ତୁ ତାଙ୍କ ଭୂମିକା ବେଶ୍ ବଡ଼ ରହିବ। ଖଳନାୟକଙ୍କୁ ନେଇ ହିଁ ଫିଲ୍ମର କାହାଣୀ ଆଗକୁ ବଢ଼ିବ। 'କଲ୍କୀ ୨' ପାଇଁ କମଲ ଇତିମଧ୍ୟରେ ଏକ ବଡ଼ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୁଟିଂ ସେଟ୍‌କୁ ପ୍ରାଇଭେଟ୍ ଚାର୍ଟରରେ ଯିବା ତଥା ଲକ୍ସୁରି ଟ୍ରାଭେଲକୁ ସେ ବାଦ୍ ଦେଇଛନ୍ତି। ସେ ଇକୋନମି କ୍ଲାସ୍‌ରେ ଯାତ୍ରା କରି 'କଲ୍କୀ ୨' ସେଟ୍‌ରେ ପହଞ୍ଚି ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେହିଭଳି ଏହି ଫିଲ୍ମ ପାଇଁ ସେ କୌଣସି ପ୍ରକାର ବଡ଼ ଦାବି ପ୍ରଯୋଜକଙ୍କ ଆଗରେ ରଖି ନଥିବା ଜଣାପଡ଼ିଛି। ଏହାଦ୍ୱାରା ପ୍ରଯୋଜକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡ଼ି ଥାନ୍ତା। କମଲଙ୍କ ଏଭଳି ନିଷ୍ପତ୍ତିକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଆସନ୍ତା ବର୍ଷ ଏହି ଫିଲ୍ମକୁ ରିଲିଜ୍ କରାଯିବ ବୋଲି କୁହାଯାଉଛି। ପ୍ରଭାସ ତାଙ୍କ ଅନ୍ୟ ପ୍ରୋଜେକ୍ଟର ସୁଟିଂ ସାରିବା ପରେ 'କଲ୍କୀ ୨'ର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି।

ଆଜି ଆସିଥିଲେ

ଭଜନ ସମ୍ରାଟ ଭିକାରୀ ବଳ



ଭଜନ ସମ୍ରାଟ ଭିକାରୀ ବଳ ଭକ୍ତି ସଙ୍ଗୀତର ଏକ ପରିପୂର୍ଣ୍ଣ ପରିଭାଷା। ଈଶ୍ୱରଦତ୍ତ ଅମୃତ କଣ୍ଠରେ ସେ ଗାଇଛନ୍ତି ଶତାଧିକ ଭଜନ ଓ ଜଣାଣ। ତାଙ୍କ କଣ୍ଠର ପ୍ରତିଟି ସଙ୍ଗୀତ ଭକ୍ତିରସର ଭାବଧାରା ସ୍ପର୍ଶିତ କରେ ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ହୃଦୟକୁ। ନିମାଇଁ ହରିଚନ୍ଦନଙ୍କ ପରେ ଭିକାରୀ ବଳ ଭଜନକୁ ଓଡ଼ିଶାରେ ସର୍ବାଧିକ ଲୋକପ୍ରିୟ କରାଇ ପାରିଥିଲେ। ଓଡ଼ିଆଙ୍କ ପ୍ରତ୍ୟେକ ଭାବ ଓ ଅଭାବକୁ ଗୀତ କରି ସେ ଗାଇଥିଲେ। 'କୋଠଭୋଗ ଖିଆ...' 'ମୁଁ ତ ବଡ଼ ଦେଉଳର ପାରାରେ...', 'ହାତରେ ମୋ' ମୁଠାମୁଠା ଶରଧାବାଲି...' ସେ ଗାଇଥିବା ପ୍ରତିଟି ଭଜନରେ ଥିଲା ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ। ଓଡ଼ିଆ ଭକ୍ତି ସଙ୍ଗୀତ ଜଗତ ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ମହାପ୍ରଭୁଙ୍କ ନିକଟରେ ଭାବ ଆଉ ଭକ୍ତିର ଗାନ କରୁ କରୁ ସେ ଭିକାରୀ ବଳରୁ ସାଜିଥିଲେ 'ଭଜନ ସମ୍ରାଟ'। ୧୯୨୯ ମସିହା ଆଜିର ଦିନରେ ସେ ଓଡ଼ିଶାର କେନ୍ଦ୍ରାପଡ଼ା ସ୍ଥିତ ଚୋବକା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରାମଚନ୍ଦ୍ର ବଳ ଓ ମାତା ରେଙ୍ଗୁ ରାଣୀ। ତାଙ୍କ ବାପା-ମାଆଙ୍କ ସବୁ ସନ୍ତାନ ଜନ୍ମ ପରେ ମରିଯାଉଥିଲେ, କେବଳ ଭିକାରୀ ହିଁ ବାଚିକି ରହିବାରୁ ତାଙ୍କ ନାମ 'ଭିକାରୀ' ରଖିଥିଲେ। ପିଲାଟି ବେଳୁ ତାଙ୍କ ବାପା-ମାଆ ଆଉ ପାରିଲୁ ଚାଲି ଯାଇଥିଲେ ପ୍ରାଥମିକ ଶିକ୍ଷା ପରେ ସେ କେନ୍ଦ୍ରାପଡ଼ା ଜିଲ୍ଲା ବଦଡ଼ାବଣ ହାଇସ୍କୁଲରେ ନାମ ଲେଖାଇଥିଲେ। ସେଠାରେ ସେ ନବମ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ଏହା ପରେ ନିଜ ଗାଁ ଚୋବକାରେ ସେ ଯାତ୍ରା ଦଳରେ ଯୋଗ ଦେଇଥିଲେ। ସେଠାରେ ସେ ଗୀତ ଗାନ, ହାରମୋନିୟମ ବଜାଇବା, ଅଭିନୟ ଆଦି ଶିଖିଥିଲେ। ଏହାପରେ ସେ ଏକ ପାଖ ସ୍କୁଲ, ଗୋକୁଳାନନ୍ଦ ସଙ୍ଗୀତ ସଦନରେ ସଙ୍ଗୀତ ଶିକ୍ଷକ ହୋଇଥିଲେ। ଭିକାରୀ ବଳ ୨୦ ବର୍ଷ ବୟସରେ ଉଷାରାଣୀ ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ କର୍ମସଂସ୍ଥାନ ପାଇଁ ସେ କଟକ ଚାଲି ଆସିଥିଲେ। ଗୁରୁ କ୍ଷିତିଶ ମିତ୍ରଙ୍କ ସହାୟତାରେ ସେ କଟକ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତରେ ଶିକ୍ଷାଲାଭ କରିଥିଲେ। ଏହାପରେ ସେ ଆକାଶବାଣୀ କଟକରେ ଏ- ଗ୍ରେଡ୍ ଗାୟକ ଭାବରେ ୧୯ ଶହରେ କାମ ଆରମ୍ଭ କଲେ। 'ପ୍ରାଣ ମିତଣୀ ବାରେ ଚାହିଁରେ' ଗୀତ ପାଇଁ ସେ ଅନେକ ଲୋକପ୍ରିୟତା ଅର୍ଜନ କରିଥିଲେ। 'କୋଠଭୋଗ ଖିଆ' ଭଜନରୁ ତାଙ୍କର ଲୋକପ୍ରିୟତା ଅନେକ ବଢ଼ିଯାଇଥିଲା। ଏହା ୬୦ ଦଶକରେ ଏକ ବହୁଳ ଲୋକପ୍ରିୟ ଭଜନର ମାନ୍ୟତା ପାଇଥିଲା ଏବଂ ଆଜି ଯାଏଁ ମଧ୍ୟ ରହିଛି। ତାଙ୍କର ଜଗନ୍ନାଥ ଭଜନ ଓ ଗୀତ ଗୋବିନ୍ଦର ପଦ ଆବୃତ୍ତି ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ସେ ଅନେକ ଚମ୍ପୂ, ଛାନ୍ଦ ଓ ଲୋକଗୀତ ମଧ୍ୟ ଗାଇଥିଲେ। ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ସେ କଣ୍ଠଦାନ କରିଥିଲେ। ତାଙ୍କର ସଙ୍ଗୀତମୟ ଜୀବନକୁ ସେ ସମ୍ପୂର୍ଣ୍ଣ ଭାବେ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରିଦେଇଥିଲେ। ଏଥିପାଇଁ ସେ ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ସମ୍ମାନ, ସ୍ୱୀକୃତି ଓ ପୁରସ୍କାର ଲାଭ କରିଥିଲେ। ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ 'ଭଜନ ସମ୍ରାଟ' ଉପାଧିରେ ଭୂଷିତ କରିଥିଲେ। ସେ ଜଗନ୍ନାଥଙ୍କର ଚାମର ସେବା ନିମନ୍ତେ ମଧ୍ୟ ସୁଯୋଗ ପାଇଥିଲେ। ୨୦୧୦ ମସିହା ନଭେମ୍ବର ୨ ତାରିଖରେ ୮୧ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।

ସ୍ୱସ୍ତି

ନୌତପା

୪ ରାଶି ପାଇଁ ଶୁଭ

ଜ୍ୟୋତିଷଙ୍କ ମତେ ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ୧୫ ଦିନ ଅବସ୍ଥାନ କରି ମୃଗଶିରା ନକ୍ଷତ୍ରକୁ ଗୋଚର ହୁଅନ୍ତି। ଏହି ୧୫ ଦିନ ମଧ୍ୟରୁ ପ୍ରଥମ ୯ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏହାକୁ 'ନୌତପା' ବା 'ନୌତାପ' କୁହାଯାଏ। ମଇ ୨୫ରୁ ଏହା ଆରମ୍ଭ ହୋଇ ଜୁନ୍ ୨ରେ ସମାପ୍ତ ହେବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଏହି ସମୟକାଳରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ହ୍ରାସ ପାଇଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କର ଅତି ନିକଟତର ରହିଥିବାରୁ ସୌର ରଶ୍ମି ସିଧାସଳଖ ପଡ଼େ। ଫଳରେ ତାପମାତ୍ରା ଅଧିକ ରହେ। କୁହାଯାଏ, ନୌତାପ ସମୟରେ ପ୍ରବଳ ଗରମ ଅନୁଭୂତ ହେଲେ ଭଲ ବର୍ଷା ହୁଏ। ଅନ୍ୟପକ୍ଷରେ କମ୍ ତାପ ପ୍ରବାହ ହେଲେ ସ୍ୱାଭାବିକ ବୃଷ୍ଟିପାତ ହୋଇଥାଏ।

ଏଥର ନୌତପାରେ ଦୁର୍ଲଭ ସଂଯୋଗ ସୃଷ୍ଟି ହୋଇଛି। ଏହି ନଅ ଦିନରେ ୭ ବଡ଼ ଗ୍ରହଙ୍କ ଗୋଚର ହେବ। ମେ ୨୫ରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ର ଏବଂ ବୁଧ ମୃଗଶିରା ନକ୍ଷତ୍ରରେ ଗୋଚର କରିବେ। ଏହାପରେ ମଙ୍ଗଳ, ବୁଧ, ରାହୁ, ଶୁକ୍ରଙ୍କ ନକ୍ଷତ୍ର ଗୋଚର ହେବ। ଏହାସହ ଚନ୍ଦ୍ର ନୌତପା ସମୟରେ ଅନେକ ଥର ରାଶି ପରିବର୍ତ୍ତନ କରିବେ। ଏହି ଦୁର୍ଲଭ ସଂଯୋଗ ୪ ରାଶିକୁ ଶୁଭ ଫଳ ପ୍ରଦାନ କରିବ।

ମେଷ: କାର୍ଯ୍ୟକ୍ଷେତ୍ରରେ କୌଣସି ବଡ଼ ଉପଲବ୍ଧି ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ। ସମ୍ପର୍କରେ ଥିବା ଭୁଲ ବୁଝାମଣା ଦୂର ହେବ।

ବୃଷ: କୌଣସି ନୂଆ କାମ ଆରମ୍ଭ କରିବେ। ଅଟକି ରହିଥିବା କାମ ପୂରା ହେବ। ଚାକିରି ଓ ବ୍ୟବସାୟ ଦୃଷ୍ଟିକୋଣରୁ ଏହା ଉତ୍ତମ ସମୟ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସଞ୍ଚୟ କରିବେ।

କର୍କଟ: ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ମାଆଙ୍କ ଇଚ୍ଛା ପୂରଣ ହେବ। ଆର୍ଥିକ ସମସ୍ୟା ଦୂର ହେବ। ସାଙ୍ଗସାଥୀଙ୍କ ସହିତ ଖୁସିରେ ସମୟ ଅତିବାହିତ ହେବ।

ବିଛା: ପ୍ରତ୍ୟେକ କାମରେ ସଫଳତା ମିଳିବା ଆଶଙ୍କା ଅଛି। କର୍ମଚାରୀ ଅଧିକ ସକାରାତ୍ମକ ରହିବେ। ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଇବ। ବୈବାହିକ ଜୀବନରେ ପ୍ରେମ ବଢ଼ିବ।

ଜ୍ୟେଷ୍ଠରେ ଜଳ ଦାନ

ଜ୍ୟେଷ୍ଠ ମାସ ସୂର୍ଯ୍ୟଦେବଙ୍କୁ ସମର୍ପିତ। କୁହାଯାଏ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚନ୍ଦ୍ର ଜ୍ୟେଷ୍ଠ ନକ୍ଷତ୍ରରେ ଥାନ୍ତି। ସେଥିପାଇଁ ଏହି ମାସର ନାଁ ଜ୍ୟେଷ୍ଠ। ଉକ୍ତ ମାସର ପ୍ରାରମ୍ଭ କୃଷ୍ଣ ପ୍ରତିପଦାରୁ ଆରମ୍ଭ ହୋଇଥାଏ ଏବଂ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସମାପ୍ତ ହୁଏ। ତେବେ ଏହି ମାସର ସମ୍ବନ୍ଧ ଜଳ ସହ ଯୋଡ଼ା ଯାଇଛି। ଏହି ମାସରେ ସୂର୍ଯ୍ୟଦେବ ଏବଂ ବରୁଣ ଦେବଙ୍କ ଉପାସନା ଫଳଦାୟୀ। ଜ୍ୟେଷ୍ଠ ମାସରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏଣୁ ଏହି ମାସରେ ଜଳ ଦାନକୁ ଶୁଭ ବୋଲି କୁହାଯାଏ।

ଏହି ମାସରେ ଭୀଷଣ ଗରମ ହୋଇଥାଏ। ସେଥିପାଇଁ ଅଧିକାଂଶ ନଦୀ, ପୋଖରୀ, କୂଅ ଶୁଖି ଯାଏ। ପୁଣି କେତେକ ସ୍ଥାନରେ ଜଳାଭାବ ଦେଖାଯାଏ। ସେଥିପାଇଁ ଏହି ମାସରେ ଜଳ ସଂରକ୍ଷଣ କରିବାର ପରମ୍ପରା ଅଛି। ଭୀଷଣ ଗରମ ଏବଂ ଜଳାଭାବ ଯୋଗୁଁ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିପରି ଭାବେ ଏହି ମାସ ଜଳର ମହତ୍ତ୍ୱ ବାବଦରେ ବୁଝାଏ। ସେହିପରି ନିର୍ଜଳା ଏକାଦଶୀର ସମ୍ବନ୍ଧ ଜଳ ସହ ଜଡ଼ିତ। ନିର୍ଜଳା ରହି ଭକ୍ତ ଏହାକୁ ପାଳନ କରନ୍ତି। ଏହି ବ୍ରତରେ ଅନ୍ନ ସହିତ ଜଳ ମଧ୍ୟ ତ୍ୟାଗ କରାଯାଏ।

ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୋଲି ବିଚାର କରାଯାଏ। ତା'ସହ ବରୁଣଦେବ, ଶନିଦେବ, ସୂର୍ଯ୍ୟ ଦେବ ଏବଂ ହନୁମାନଙ୍କ ଉପାସନା କରାଯାଏ। ଏହି ମାସରେ ଏହି ସବୁ ଦେବତାଙ୍କ ବିଶେଷ ପୂଜାପାଠ କରିବା ସହ ଜଳଦାନ କରିବାର ପରମ୍ପରା ଅଛି। କେବଳ ସେତିକି ନୁହେଁ, ପବିତ୍ର ନଦୀ ଗଙ୍ଗା, ଯମୁନା, ନର୍ମଦାରେ ସ୍ନାନ କରିବାକୁ କୁହାଯାଏ।

ପୁଷ୍ପାଞ୍ଜଳିର ମହତ୍ତ୍ୱ

ସନାତନ ଧର୍ମରେ କୌଣସି ପୂଜା, ପାଠ, ଯଜ୍ଞ ଆଦି ଶେଷରେ ପୁଷ୍ପାଞ୍ଜଳି ଦିଆଯାଏ। ପୂଜା ପରେ ମନ୍ତ୍ର ପୁଷ୍ପାଞ୍ଜଳିର ପରମ୍ପରା ବହୁ ପୁରୁଣା। କୁହାଯାଏ, ଏହି ପରମ୍ପରା ବୈଦିକ କାଳରୁ ଚାଲି ଆସିଛି। ତେବେ ପୁଷ୍ପାଞ୍ଜଳି ସହିତ ସମସ୍ତେ ପରିଚିତ ଥିଲେ ବି ଏହାର ମହତ୍ତ୍ୱ ଏବଂ ବାସ୍ତବିକ ଅର୍ଥ ଜାଣି ନାହାନ୍ତି। ଫଳରେ ପୂଜାର ସମ୍ପୂର୍ଣ୍ଣ ଫଳ ପ୍ରାପ୍ତି ହୋଇ ନ ଥାଏ।

କୌଣସି ପୂଜାପାଠ, ଯଜ୍ଞ ଆଦି ଧାର୍ମିକ ଅନୁଷ୍ଠାନ ସମାପ୍ତି ପରେ ଦେବୀ ଦେବତାଙ୍କ ପ୍ରତି ଆଦର ପ୍ରକଟ କରିବା ଲାଗି ଦୁଇ ହାତ ଯୋଡ଼ି ସେଥିରେ ଫୁଲ ରଖାଯାଏ। ଏହା ପରେ ବିଶେଷ ମନ୍ତ୍ରକୁ ଉଚ୍ଚାରଣ କରାଯାଇ ସେହି ଫୁଲକୁ ଦେବୀ ଦେବତାଙ୍କୁ ଅର୍ପଣ କରାଯାଏ। ଶାସ୍ତ୍ର ଅନୁସାରେ, ଏହାକୁ ପୁଷ୍ପାଞ୍ଜଳି କୁହାଯାଏ। କାରଣ ଏହି ପ୍ରକ୍ରିୟା ବିଶେଷ ମନ୍ତ୍ର ଏବଂ ଫୁଲ ସହିତ କରାଯାଏ। ତେଣୁ ଏହାକୁ ମନ୍ତ୍ର ପୁଷ୍ପାଞ୍ଜଳି କୁହାଯାଏ।

ଶାସ୍ତ୍ର ଅନୁସାରେ, ମନ୍ତ୍ର ପୁଷ୍ପାଞ୍ଜଳି ଦେବୀ ଦେବତାଙ୍କ ପ୍ରତି ଭକ୍ତି ଓ ନିଷ୍ଠା ପ୍ରକଟ କରିବା ଲାଗି କରାଯାଏ। କୁହାଯାଏ ଦେବୀ ଦେବତାଙ୍କୁ ମନ୍ତ୍ର ସହିତ ପୁଷ୍ପ ଅର୍ପଣ କରିବା ଦ୍ୱାରା ମନ ଶୁଦ୍ଧ ରହେ ଏବଂ ଚିନ୍ତାଧାରାରେ ଶୁଦ୍ଧତା ଆସେ। ଏଭଳି କରିବା ଦ୍ୱାରା ଆତ୍ମ ଶାନ୍ତି ଓ ସନ୍ତୋଷ ମିଳେ। ପୁରାଣ ଅନୁସାରେ, ଭଗବାନଙ୍କୁ ଧନ୍ୟବାଦ ଜ୍ଞାପନ କରିବା ଏବଂ ପରିବାର ସଦସ୍ୟଙ୍କ ସୁଖଶାନ୍ତି ପାଇଁ ପୁଷ୍ପାଞ୍ଜଳି ଅର୍ପଣ କରାଯାଏ। ଏହାକୁ କରିବା ଦ୍ୱାରା ଦେବୀ ଦେବତା ପ୍ରସନ୍ନ ହୋଇ ଭକ୍ତଙ୍କ ମନୋକାମନା ପୂରଣ କରନ୍ତି।

କବାଟ ପଛରେ କ'ଣ ରଖିବେନି

ବାସ୍ତୁ ଶାସ୍ତ୍ର ଅନୁସାରେ, କବାଟ ପଛ ପାର୍ଶ୍ୱରେ କିଛି ଜିନିଷ ରଖିବା ତଥା ଝୁଲାଇବା ଅଶୁଭ। ଏଭଳି କରିବା ଦ୍ୱାରା ଘରେ ନକାରାତ୍ମକ ଶକ୍ତି ବୃଦ୍ଧି ପାଏ। ଏହାର ପ୍ରଭାବ ଆର୍ଥିକ ସ୍ଥିତି, ମାନସିକ ଶାନ୍ତି ଏବଂ ପରିବାର ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ତେବେ କବାଟ ପଛରେ କେଉଁ ଜିନିଷ ରଖିବା ମନା ସେ ସମ୍ପର୍କରେ ଜାଣିବା।

- ବାସ୍ତୁ ଶାସ୍ତ୍ର ଅନୁସାରେ, କବାଟ ପଛରେ ମଇଳା ତଥା ଅଧିକ ପୋଷାକ ଝୁଲାଇବା ଅନୁଚିତ। ଏହା ଦ୍ୱାରା ନକାରାତ୍ମକ ଶକ୍ତି ଜମା ହୁଏ। ଘରର ପରିବେଶ ଖରାପ ହୁଏ।
- ଔଷଧ ଭର୍ତ୍ତି ବ୍ୟାଗ୍ ତଥା ପଲିଥିନ କବାଟ ପଛରେ ଝୁଲାଇବା ଭଲ ନୁହେଁ। ବାସ୍ତୁ ଅନୁସାରେ, ଔଷଧ ରୋଗର ପ୍ରତୀକ। ଏହାକୁ କବାଟ ପଛରେ ରଖିବା ଦ୍ୱାରା ଘରେ ରୋଗର ପ୍ରଭାବ ବଢ଼ାଇ ରହେ।
- ଅନେକ ଲୋକ ପୁରୁଣା କ୍ୟାଲେଣ୍ଡରକୁ ଫିଙ୍ଗିବା ବଦଳରେ କବାଟ ପଛରେ ଝୁଲାଇ ଦିଅନ୍ତି। ଏହାକୁ ବାସ୍ତୁଶାସ୍ତ୍ରରେ ଅଶୁଭ ବୋଲି କୁହାଯାଇଛି।
- ସେହିପରି କବାଟ ପଛରେ ଜୋତା ଚପଲ ରଖିଲେ ବାସ୍ତୁ ଦୋଷ ସୃଷ୍ଟି ହୁଏ। ଏହାବାଦ୍ ଓଦା ତଉଲିଆ କବାଟରେ ଝୁଲାଇଲେ ନକାରାତ୍ମକ ପ୍ରଭାବ ପଡ଼େ। ମୁଖ୍ୟତଃ ପରିବାର ସଦସ୍ୟଙ୍କ ଉପରେ।

ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୨୬ ମେ ୨୦୨୬

ଭଗବାନ ଶ୍ରୀସତ୍ୟସାଇଙ୍କ କୃପାରୁ ପୁନର୍ଜନ୍ମ ପ୍ରାପ୍ତି

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି - 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ'। ବାବା ପୁଣି କହିଛନ୍ତି - 'ତମେ ମୋ ପାଖକୁ ପାଦେ ଆସିଲେ - ମୁଁ ତୁମ ପାଖକୁ ଶହେ ପାଦ ଯିବି'। ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି - 'ଯେଉଁଠି ବିଶ୍ୱାସ ଅଛି - ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି - ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି - ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି - ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି - ସେଠାରେ ଈଶ୍ୱର ଅଛନ୍ତି'। ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି। ମୁଁ ଆଇନ ବୃତ୍ତିରେ ରହିବା ଭିତରେ ୧୯୮୨ ମସିହାରେ ଏକ ଭୟଙ୍କର ବନ୍ୟା ବିପ୍ରତ୍ତି ଓଡ଼ିଶାରେ ନାହିଁ ନଥିବା ପ୍ରଳୟ ସୃଷ୍ଟି କରିଥିଲା। ବିଶେଷକରି ଆମ ଜଗତସିଂହପୁର ଅଂଚଳ ବ୍ୟାପକ କ୍ଷୟକ୍ଷତି ଓ ଧନଜୀବନ ନଷ୍ଟକୁ ସାମ୍ନା କରିଥିଲା। ମୋ ପୈତୃକ ଘର ସେହି ଅଂଚଳରେ ଥିବାରୁ ସେଠିକାର ଲୋକ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲେ। ତେଣୁ ଏହ ବିପଦ ସମୟରେ ସେମାନଙ୍କ ପାଖରେ ରହିବା ପାଇଁ ମନସ୍ତ କରି ମୁଁ ସାଇକେଲରେ କଟକରୁ ମୋ ଗାଁ ତିର୍ନୋଲ ସନ୍ନିକଟ କୋଲାରଜୟପୁର ଅଭିମୁଖେ ବନ୍ୟା କମିବାର ତିନି ଦିନ ପରେ ଯାଇଥିଲି। ସନ୍ଧ୍ୟାବେଳେ ଘରେ ପହଂଚି ମୋ ବଡ଼ ଭାଇଙ୍କ ସହିତ ଚା'ପିଉଥିବା ସମୟରେ ଗାଁ ଦାଣ୍ଡରୁ କୋଳାହଳ ଶୁଭିଲା। ଘଟଣା କ'ଣ ବୁଝିବା ପାଇଁ ଗଲାବେଳକୁ କୌଣସି ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ଭିତରେ ସଂଘର୍ଷ ଆରମ୍ଭ ହୋଇଯାଇଥାଏ। ଘଟଣାକୁ ପ୍ରସମିତ କରିବା ପାଇଁ ମୁଁ କିଛି ନ ବୁଝି ଭିଡ଼ ଭିତରକୁ ପ୍ରବେଶ କଲାବେଳକୁ କେହି ଜଣେ ଦୁର୍ବୃତ୍ତର ଫୋପଡ଼ା ପଥର ମୋ ମୁହଁରେ ଖୁବ ଜୋରେ ଆଘାତ ଦେଲା। ଯାହାଫଳରେ ମୋ ପାଟି ଓ ନାକବାଟେ ପ୍ରବଳ ରକ୍ତସ୍ରାବ ହେଲା। ହଠାତ୍ ଗଣ୍ଡଗୋଳ ସିନା ବନ୍ଦ ହୋଇଗଲା କିନ୍ତୁ ମୋର ଚିକିତ୍ସା ପାଇଁ ସମସ୍ତେ ବ୍ୟସ୍ତ, ବ୍ୟଗ୍ର ଓ ବିବ୍ରତ ହୋଇପଡ଼ିଲେ। ଆମ ଗାଁ ଠାରୁ ମଣିଜଙ୍ଗାରେ ଥିବା ପିଏଚସିକୁ ନେବା ପାଇଁ ବ୍ୟବସ୍ଥା କରାଗଲା, ରାସ୍ତାଘାଟର ଅବସ୍ଥା ଭଲ ନଥିଲା ଅନେକ ଜାଗାରେ ପାଣି କାଦୁଅ ଏଣୁ ମୋତେ ଗୋଟେ ସବାରୀରେ ଶୁଆଇ ଦେଇ ଅନଭିଜ୍ଞ ଲୋକଙ୍କ ଦ୍ୱାରା କାନ୍ଧେଇ ନେବା ପାଇଁ ବ୍ୟବସ୍ଥା କରାଗଲା। ମୁଁ ମୋ ସବାରୀରେ ଶୋଇଥିବା ଅବସ୍ଥାରେ ଠିକ ଗାଁ ମୁଣ୍ଡରେ ଅନୁଭବ କଲି ଯେ ସତେ ଯେପରି ମୋ ଶରୀରରୁ ପ୍ରାଣ ବାହାରି ଯାଇଛି। ମୁଁ ମୋ ଶରୀରକୁ ଶୋଇଥିବା ଅବସ୍ଥାରେ ଦେଖୁଛି ଓ ଲୋକମାନଙ୍କୁ ମଧ୍ୟ ଦେଖୁଛି। କିନ୍ତୁ ଏପରି ଅବସ୍ଥା ଭିତରେ ମଧ୍ୟ ମୁଁ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ନାମ ମଧ୍ୟ ବାରମ୍ବାର ଜପ କରୁଛି। ଠିକ ଏତିକି ବେଳେ ଅନୁଭବ କଲି ଯେ ସବାରୀର ବାହାର ପଟରେ କେହି ଜଣେ ସବାରୀଟିକୁ ଧରିଲେ ଦେଖିଲାବେଳକୁ ସେ ଆଉ କେହି ନୁହଁନ୍ତି ଭଗବାନ ଶ୍ରୀସତ୍ୟସାଇ ବାବା। ସବାରୀର ଗତି ସହିତ ସେ ତାଙ୍କ ଗତିକୁ ଆଗେଇ ମୋ ସହ ନିରନ୍ତର ରହିଲେ। ଯେଉଁଠି କାଦୁଅ ପାଣି ଥାଏ ସେ ଗୋଟିଏ ହାତରେ ତାଙ୍କ ଗାଉନକୁ ଟେକି ଧରୁଥାନ୍ତି କିନ୍ତୁ ଅନ୍ୟ ହାତଟିକୁ ସବାରୀରୁ ଛାଡୁ ନଥାନ୍ତି। ଏହିପରି ଅବସ୍ଥାରେ ପାଖାପାଖି ତିନି କିଲୋମିଟର ଅତିକ୍ରମ ପରେ ଡାକ୍ତରଖାନାରେ ପହଚିଂବା ପରେ ମୁଁ ସମ୍ପୂର୍ଣ୍ଣ ଭାବେ ଚେତାଶୂନ୍ୟ ହୋଇଗଲା। ପାଖାପାଖି ଚବିଶ ଘଟାଂ ପରେ ମୋର ଚେତା ଆସିଲା। ସେ ସମୟରେ ବନ୍ୟା ବିପ୍ରତି ପାଇଁ କଟକ ବଡ଼ମେଡ଼ିକାଲରୁ ଏକ ଡାକ୍ତରୀ ଦଳ ସେଠାରେ କ୍ୟାମ୍ପ କରିଥିବାରୁ ସେମାନେ ମୋର ଚିକିତ୍ସା କରିଥିଲେ। ଡାକ୍ତରମାନେ ମୋ ବେଡ଼ ପାଖକୁ ଆସିବାବେଳେ ମୁଁ ସୌଜନ୍ୟ ପୂର୍ବକ ଧନ୍ୟବାଦ ଜଣାଇବାରୁ ସେମାନେ ଏକ ସ୍ୱରରେ କହିଲେ ଯେ 'ତୁମର ଜୀବନ ଆମେ ରକ୍ଷା କରିନାହୁଁ, ଭଗବାନ ରକ୍ଷା କରିଛନ୍ତି।' ପରବର୍ତ୍ତୀ ସମୟରେ କଟକ ବଡ଼ମେଡ଼ିକାଲରେ ଦୀର୍ଘ ଦୁଇସପ୍ତାହ ଚିକିତ୍ସା ପରେ ମୁଁ ସୁସ୍ଥ ହୋଇଥିଲି। ମୋର ନାକର ହାଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଚିକିତ୍ସା ଦ୍ୱାରା ମୁଁ ଆରୋଗ୍ୟ ଲାଭ ହୋଇଥିଲି ଏହା ହିଁ ଥିଲା ପ୍ରଭୁଙ୍କର ମୋ ପ୍ରତି କରୁଣା ଓ ଦ୍ୱିତୀୟ ଜୀବନଦାନ। ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ। ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ। ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଂଚିବାର ପ୍ରଣାଳୀ ଓ ସାର୍ଥକତା।

ଯନ୍ତାରୁ ମୁକ୍ତି

ସି ଡୋନାଲ୍ଡ ଟ୍ରମ୍ପଙ୍କୁ ସିଧାସଳଖ ପ୍ରଶ୍ନ କରିଥିଲେ: ''ଚୀନ ଓ ଆମେରିକା ତଥାକଥିତ 'ଥୁସିଡାଇଡିସ୍ ଟ୍ରାପ୍'କୁ ଅତିକ୍ରମ କରି ଦୁଇ ମହାଶକ୍ତିଙ୍କ ମଧ୍ୟରେ ସଂପର୍କର ଏକ ନୂତନ ଭିତ୍ତି ପ୍ରତିଷ୍ଠା କରିପାରିବେ କି?'' ଅର୍ଥାତ୍ ଟ୍ରମ୍ପଙ୍କ ସମ୍ମୁଖରେ ସି ଘୋଷଣା କରିଥିଲେ ଯେ ଚୀନ ଆଉ ପୂର୍ବଭଳି ଏକ ଉଦୀୟମାନ ଶକ୍ତି ହୋଇ ରହିନାହିଁ, ଏକ ଉଦିତ ମହାଶକ୍ତିରେ ପରିଣତ ହୋଇସାରିଲାଣି। ଚୀନ ଉପରେ ଆକ୍ରମଣ କରି ଆମେରିକା ଆଉ ତାକୁ ପରାହତ କରିବା ସମ୍ଭବ ନୁହେଁ ଏବଂ ଏହା ଦ୍ୱାରା ନିଜର ଘୋର କ୍ଷତି ସାଧନ ସାର ହେବ ଯାହା। ଏଣୁ ଚୀନକୁ ଆମେରିକା ନିଜର ସମକକ୍ଷ ରୂପେ ସ୍ୱୀକାର କରିବା ଉଚିତ। ମନେକର ତୁମେ ହେଉଛ ଏଇ ଇଲାକାର ନିରଙ୍କୁଶ ବାହୁବଳୀ- ବସ୍; ଗବ୍ବର ସିଂ ଓ ମୋଗାମ୍ବୋର ଏକ ମିଳିତ ସଂସ୍କରଣ। ତୁମକୁ ଦୂରରୁ ଦେଖିଲେ ଲୋକେ ଛାନିଆରେ ବାଟ ଭାଙ୍ଗି ଆଡ଼େଇ ହୋଇଯାଆନ୍ତି। ତୁମକୁ ଖୁସି କରିବାକୁ ସେମାନେ ଯେଉଁଭଳି ସର୍ବଦା ବ୍ୟାକୁଳ ହୋଇଥାନ୍ତି, ତୁମର ରୋଷ ଦୃଷ୍ଟିରେ ନ ପଡ଼ିବା ପାଇଁ ସେଇଭଳି ସର୍ବଦା ସତର୍କ ଥାନ୍ତି। କିନ୍ତୁ ଦିନେ ଏଇ ପାଣିପାଗରେ କିଛି ପରିବର୍ତ୍ତନର ଲକ୍ଷଣ ଦୃଷ୍ଟିଗୋଚର ହେବାକୁ ଆରମ୍ଭ କଲା: ସେ ଅଂଚଳରେ ଆଉଜଣେ ବଳବାନଙ୍କର ଆବିର୍ଭାବ। ତୁମର ଅନୁଗତ ବଚସ୍କରମାନଙ୍କ ମଧ୍ୟରୁ ଜଣକ ପରେ ଜଣେ କ୍ରମେ ଏଇ ନବାଗତଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ଆରମ୍ଭ କଲେ, ଯାହା ଦ୍ରୁତ ଗତିରେ ଆନୁଗତ୍ୟରେ ପରିଣତ ହେବାର ଆଶଙ୍କା ଦେଖାଦେଲା। ତୁମର ପ୍ରଭାବ ଓ ପତିଆରାର ଅବକ୍ଷୟ ଘଟିବାର ସମ୍ଭାବନା ତୁମକୁ ଘାରିବାରେ ଲାଗିଲା। ବାହୁବଳୀ ଜଣକ ଏଭଳି ଏକ ପରିସ୍ଥିତିର ମୁକାବିଲା କରିବାକୁ ଏବେ କ'ଣ କରିବ? ତା' ସମ୍ମୁଖରେ କେଉଁ ସବୁ ବିକଳ୍ପ ଉନ୍ମୁକ୍ତ ଅଛି ଖ୍ରୀ.ପୂ. ପଚଂମ ଶତାବ୍ଦୀର ପ୍ରାଚୀନ ଗ୍ରୀକ୍ ଐତିହାସିକ ଥୁସିଡାଇଡିସ୍ (ହେରୋଡଟସ୍‌ଙ୍କ ସହିତ ତାଙ୍କୁ ଇତିହାସ ଶାସ୍ତ୍ରର ଅନ୍ୟତମ ଜନକ ରୂପେ ବିବେଚନା କରାଯାଇଥାଏ)ଙ୍କ ଅନୁସାରେ ତୁମ ସମ୍ମୁଖରେ ଏବେ ଯେଉଁ ଏକମାତ୍ର ବିକଳ୍ପ ଉପଲବ୍ଧ ଅଛି, ତାହା ହେଲା: ପ୍ରତିଦ୍ୱନ୍ଦ୍ୱୀ ସହିତ ଯୁଦ୍ଧ କର। ଯୁଦ୍ଧ କରିବା ବ୍ୟତୀତ ତୁମର ଗତ୍ୟନ୍ତର ନାହିଁ। ଯନ୍ତା ଭିତରେ ମୁହାଁମୁହିଁ ଅବସ୍ଥାରେ ଅଛ ତୁମେ ଓ ତୁମର ପ୍ରତିଦ୍ୱନ୍ଦ୍ୱୀ; ତା' ସହିତ ଯୁଦ୍ଧ ଅନିବାର୍ଯ୍ୟ। ଏହା ହିଁ ହେଉଛି ୨୦୧୨ରେ ପ୍ରଖ୍ୟାତ ଆମେରିକୀୟ ରାଜନୀତିବିଜ୍ଞାନୀ ଗ୍ରାହାମ୍ ଆଲିସନ୍‌ଙ୍କ ଦ୍ୱାରା ନାମିତ- 'ଥୁସିଡାଇଡିସ୍ ଟ୍ରାପ୍', ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ମୁଖରେ ଚୀନର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଯାହାର ଅବତାରଣା କରି ଆନ୍ତର୍ଜାତିକ କୂଟନୈତିକ ପରିସରରେ ଏକ ହଇଚଇ ସୃଷ୍ଟି କରି ? ଦେଇଥିଲେ, ଯାହାକୁ ପର୍ଯ୍ୟବେକ୍ଷକମାନେ ଉଭୟ ଦେଶର ବଳ କଷାକଷିରେ ଏକ ନିର୍ଣ୍ଣାୟକ ମୋଡ଼ ରୂପେ ବିଚାର କରୁଛନ୍ତି, ଏବଂ ଯାହା ଏକ ମହାଶକ୍ତି ରୂପେ ଆମେରିକାର ସମକକ୍ଷ ହିସାବରେ ଚୀନର ଆଗମନର ସ୍ୱାକ୍ଷର ବହନ କରିଥାଏ। ତାଙ୍କର ପ୍ରସିଦ୍ଧ ରଚନା, 'ହିଷ୍ଟ୍ରି ଅଫ୍ ଦି ପେଲୋପୋନେସିଆନ୍ ୱାର ('ପେଲୋପୋନେସିଆନ୍ ଯୁଦ୍ଧର ଇତିହାସ')ରେ ଥୁସିଡାଇଡିସ୍ କେବଳ ଏଥେନ୍ସ ଓ ସ୍ପାର୍ଟା ମଧ୍ୟରେ ଦୀର୍ଘ ଯୁଦ୍ଧର ଏକ ନିର୍ଭୁଲ୍ ବିବରଣୀ ପ୍ରଦାନ କରିବାକୁ ଯେ ଚେଷ୍ଟା କରିଥିଲେ, ତାହା ନୁହେଁ, ସେ ମଧ୍ୟ ଏହାର ଆଧାରରେ ଚିର କାଳ ଧରି ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ କ୍ଷମତା ସମୀକରଣକୁ ନିୟନ୍ତ୍ରିତ କରୁଥିବା କେତେକ ଚିରନ୍ତନ ନିୟମମାନଙ୍କର ଆବିଷ୍କାର କରିଥିଲେ। ଗ୍ରାହାମ୍ ଆଲିସନ୍ ଯେତେବେଳେ 'ଥୁସିଡାଇଡିସ୍ ଟ୍ରାପ୍' ଅଭିବ୍ୟକ୍ତିର ଉଦ୍ଭାବନ କରିଥିଲେ, ସେତେବେଳେ ସେ ପୃଥିବୀର ପ୍ରତିଷ୍ଠିତ ବାହୁବଳୀ ଆମେରିକା ଓ ଉଦୀୟମାନ ବାହୁବଳୀ ଚୀନକୁ ଦୃଷ୍ଟିରେ ରଖି ତାହା କରିଥିଲେ ଏବଂ ଏ ଦୁଇ ଶକ୍ତିଙ୍କ ମଧ୍ୟରେ ଯୁଦ୍ଧ ଅନିବାର୍ଯ୍ୟ ବୋଲି ଭବିଷ୍ୟବାଣୀ କରିଥିଲେ। ସେ ସମୟରେ ସ୍ପାର୍ଟା ଥିଲା ଆମେରିକା ଭଳି ସେ ଅଂଚଳର ପ୍ରତିଷ୍ଠିତ ବାହୁବଳୀ ଏବଂ ଏଥେନ୍ସ ଥିଲା ଚୀନ ପରି ଉଦୀୟମାନ ବାହୁବଳୀ, ଯିଏ ସ୍ପାର୍ଟାର ସ୍ଥାନ ଦଖଲ କରିବାକୁ ଉଦ୍ୟତ ଥିଲା। ଥୁସିଡାଇଡିସ୍‌ଙ୍କ ଅନୁସାରେ ଏଭଳି ପରିସ୍ଥିତିରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ଘଟିବା ଥିଲା ଅନିବାର୍ଯ୍ୟ। ପ୍ରତିଷ୍ଠିତ ଶକ୍ତି ସର୍ବଦା ଉଦୀୟମାନ ଶକ୍ତି ବିରୁଦ୍ଧରେ ଯୁଦ୍ଧ କରିବା ହେଉଛି କୂଟନୀତିର ଅକାଟ୍ୟ ନିୟମ। ଆନ୍ତର୍ଜାତିକ କୂଟନୀତିରେ ଏଭଳି ଆଭିମୁଖ୍ୟକୁ ପ୍ରଦାନ କରାଯାଇଥିବା ନାମ ହେଉଛି: 'ବାସ୍ତବବାଦ'। ଏଇ 'ବାସ୍ତବବାଦ' ମୋଟାମୋଟି ଭାବରେ ନିମ୍ନଲିଖିତ ତିନିଗୋଟି ନିୟମ ବା ଯୁକ୍ତି ଉପରେ ପ୍ରତିଷ୍ଠିତ ହୋଇଥାଏ। ପ୍ରଥମ: ମନୁଷ୍ୟର ପ୍ରକୃତି ଓ ପ୍ରବୃତି ଆତ୍ମସ୍ୱାର୍ଥ ସାଧନ ଦ୍ୱାରା ପରିଚାଳିତ ହୋଇଥାଏ। ରାଷ୍ଟ୍ର ସ୍ତରରେ ମଧ୍ୟ ଏହା ହିଁ ପ୍ରତିଫଳିତ ହୋଇଥାଏ, ଯାହା ଅନୁସାରେ ପ୍ରତ୍ୟେକ ରାଷ୍ଟ୍ର ତା'ର ନିଜର ନିରାପଲା ନିଶ୍ଚିତ କରିବାକୁ ସର୍ବାଧିକ ପ୍ରାଧାନ୍ୟ ପ୍ରଦାନ କରିଥାଏ। ଦ୍ୱିତୀୟ: ଅନ୍ତଃରାଷ୍ଟ୍ରୀୟ ସଂପର୍କରେ ନୈତିକତା ଓ ଆଦର୍ଶବାଦୀ ନ୍ୟାୟକୁ ସର୍ବଦା ଉପେକ୍ଷା କରାଯାଇଥାଏ। ତୃତୀୟ: ବିଶ୍ୱ ବ୍ୟବସ୍ଥା ଯେଉଁ ନିୟମ ଦ୍ୱାରା ପରିଚାଳିତ ହୋଇଥାଏ, ତାହା ହେଲା- ଅରାଜକତା। ଅର୍ଥାତ୍, ବ୍ୟକ୍ତିର ଆଚରଣକୁ ଯେଉଁଭଳି ରାଷ୍ଟ୍ର ନିୟନ୍ତ୍ରଣ କରିଥାଏ, ରାଷ୍ଟ୍ରର ଆଚରଣକୁ ସେଇଭଳି ନିୟନ୍ତ୍ରଣ କରିବା ପାଇଁ କୌଣସି ଉଚ୍ଚତର ଶକ୍ତି ନ ଥାଏ। ଆନ୍ତର୍ଦେଶୀୟ ସଂପର୍କରେ ଏଇ ତିନି ସୂତ୍ରୀ ବାସ୍ତବବାଦର ଉପସ୍ଥିତି ସମ୍ବନ୍ଧରେ ଯଦି କେହି ସନ୍ଦିହାନ ହୋଇଥାନ୍ତି, ଟ୍ରମ୍ପଙ୍କ ଆମେରିକା କିମ୍ବା ସିଙ୍କ ଚୀନର ଆଚରଣ ଉପରେ ଏକ କ୍ଷିପ୍ର ଦୃଷ୍ଟି ନିକ୍ଷେପ ତାଙ୍କର ସମସ୍ତ ସନ୍ଦେହ ଦୂର କରିବ। ଥୁସିଡାଇଡିସ୍ ତାଙ୍କର ଯେଉଁ ରଚନାରେ ବାସ୍ତବବାଦୀ କୂଟନୀତିର ଏଇ ତିନିଟିଯାକ ସୂତ୍ରର ସାରାଂଶ ଉପସ୍ଥାପନ କରିଥିଲେ, ତାହା ହେଉଛି 'ମେଲିଆନ୍ ଡାଇଲଗ୍' ('ମେଲିଆନ୍ କଥୋପକଥନ')। ମେଲସ୍ ଉପରେ ଏଥେନ୍ସ ବିଜୟ ହାସଲ କରିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଯେଉଁ କଥାବାର୍ତ୍ତା ଚାଲିଥିଲା, ଏଇ ରଚନାରେ ଥୁସିଡାଇଡିସ୍ ତାହାକୁ ନାଟ୍ୟରୂପ ପ୍ରଦାନ କରିଥିଲେ। କଥାବାର୍ତ୍ତା ସମୟରେ ମେଲସ୍ ପକ୍ଷ ଏଥେନ୍ସ ଠାରୁ ଯେତେବେଳେ ନ୍ୟାୟୋଚିତ ଆଚରଣ ଦାବି କରିଥିଲେ, ବିଜେତା ଏଥେନ୍ସର ପ୍ରତିନିଧିମାନେ ତାହାକୁ ହସରେ ଉଡ଼ାଇ ଦେଇଥିଲେ। ସେମାନେ ପରାଜିତ ମେଲସ୍‌ର ପ୍ରତିନିଧିମାନଙ୍କୁ ଚେତାଇ ଦେଇଥିଲେ ଯେ ଯେଉଁ ପକ୍ଷ ଅଧିକ ବଳବାନ ହୋଇଥାଏ, ସେ ଯାହା ଚାହିଁବ ତାହା ନେଇଯିବ ଏବଂ ଦୁର୍ବଳ ପକ୍ଷ ତାହାକୁ ଗ୍ରହଣ କରିବାକୁ ବାଧ୍ୟ। ବାସ୍ତବବାଦ ତେଣୁ ହେଉଛି ସରଳ ଭାବରେ କହିଲେ- 'ଜୋର ଯାର ମୁଲକ ତା'ର' ନିୟମ। ବାସ୍ତବବାଦ ଦୃଷ୍ଟିକୋଣରୁ ଯୁଦ୍ଧ ହେଉଛି ପ୍ରତିପକ୍ଷ ସତର୍କ ହେବା ପୂର୍ବରୁ ତା' ଉପରେ ଆକ୍ରମଣ ଚଳାଇ ନିଜର ସ୍ୱାର୍ଥ ରକ୍ଷା କରିବାର ଏକ କୌଶଳ- ଯେମିତି ରୁଷିଆ ୟୁକ୍ରେନ୍ ଉପରେ କିମ୍ବା ଆମେରିକା ଇରାନ୍ ଉପରେ କିମ୍ବା ଅତୀତରେ ଚୀନ ତିବ୍ବତ ଉପରେ କରିବା ଦେଖାଯାଇଛି। ପୃଥିବୀ ଇତିହାସ ଏଇଭଳି ଅସୁମାରି ଉଦାହରଣମାନଙ୍କରେ ଭରପୂର। ସମସ୍ତ ବୈଦେଶିକ ସଂପର୍କ ହେଉଛି ଦେଶମାନେ କୂଟନୀତି ମାଧ୍ୟମରେ ହେଉ କି ଶକ୍ତି ପ୍ରଦର୍ଶନ ମାଧ୍ୟମରେ ହେଉ ନିଜର ପ୍ରଭୁତ୍ୱ ଜାହିର କରିବା ଦିଗରେ କରୁଥିବା ଉଦ୍ୟମ। ପ୍ରଭୁତ୍ୱ ନିରାପତା ନିଶ୍ଚିତ କରିଥାଏ। ସି ଜିନ୍‌ପିଙ୍ଗ ସେମାନଙ୍କର ସାକ୍ଷାତ୍ ସମୟରେ ଟ୍ରମ୍ପଙ୍କୁ 'ଥୁସିଡାଇଡିସ୍ ଟ୍ରାପ୍' ସମ୍ବନ୍ଧରେ ଚେତାଇ ଦେବା ଥିଲା ନିଜର ଅର୍ଥାତ୍ ଚୀନର ପ୍ରଭୁତ୍ୱ ଜାହିର କରିବା ଦିଗରେ ଏକ ଉଦ୍ୟମ। ଲକ୍ଷ୍ୟ କରିବା କଥା ପ୍ରାୟ ଏକ ଦଶନ୍ଧି ତଳେ ସେଇ ସି କହିଥିଲେ ଯେ ଉଭୟ ଦେଶ ମଧ୍ୟରେ ସଂପର୍କରେ ଏକ 'ଥୁସିଡାଇଡିସ୍ ଟ୍ରାପ୍'ର ଆବିର୍ଭାବ ସମ୍ଭବ ନୁହେଁ। ଅର୍ଥାତ୍, ସେତେବେଳେ ଚୀନ ଏତେ ଶକ୍ତିଶାଳୀ ହୋଇ ନ ଥିଲା ଯେ ଆମେରିକା ତାକୁ ଏକ ପ୍ରତିଦ୍ୱନ୍ଦ୍ୱୀ ରୂପେ ବିଚାର କରି ତା' ଉପରେ ଆକ୍ରମଣ ଚଳାଇବାକୁ ଆବଶ୍ୟକ ମଣିବ। ବର୍ତ୍ତମାନ କିନ୍ତୁ ସି ପୁଣି 'ଥୁସିଡାଇଡିସ୍ ଟ୍ରାପ୍'ର ଉଲ୍ଲେଖ କରିବା ବେଳେ ତାଙ୍କ ସ୍ୱରରେ ପରିବର୍ତ୍ତନ ଘଟି ସେଥିରେ ତାହା ବହନ କରୁଥିବା ନୂତନ ଶକ୍ତି ଓ ଆତ୍ମବିଶ୍ୱାସର ଛାପ ସ୍ପଷ୍ଟ ଦୃଶ୍ୟମାନ ହୋଇଥାଏ। ସି ଡୋନାଲ୍ ?ଡ ଟ୍ରମ୍ପଙ୍କୁ ସିଧାସଳଖ ପ୍ରଶ୍ନ କରିଥିଲେ: ''ଚୀନ ଓ ଆମେରିକା ତଥାକଥିତ 'ଥୁସିଡାଇଡିସ୍ ଟ୍ରାପ୍'କୁ ଅତିକ୍ରମ କରି ଦୁଇ ମହାଶକ୍ତିଙ୍କ ମଧ୍ୟରେ ସଂପର୍କର ଏକ ନୂତନ ଭିତ୍ତି ପ୍ରତିଷ୍ଠା କରିପାରିବେ କି?'' ଅର୍ଥାତ୍ ଟ୍ରମ୍ପଙ୍କ ସମ୍ମୁଖରେ ସି ଘୋଷଣା କରିଥିଲେ ଯେ ଚୀନ ଆଉ ପୂର୍ବଭଳି ଏକ ଉଦୀୟମାନ ଶକ୍ତି ହୋଇ ରହିନାହିଁ, ଏକ ଉଦିତ ମହାଶକ୍ତିରେ ପରିଣତ ହୋଇସାରିଲାଣି। ଚୀନ ଉପରେ ଆକ୍ରମଣ କରି ଆମେରିକା ଆଉ ତାକୁ ପରାହତ କରିବା ସମ୍ଭବ ନୁହେଁ ଏବଂ ଏହା ଦ୍ୱାରା ନିଜର ଘୋର କ୍ଷତି ସାଧନ ସାର ହେବ ଯାହା। ଏଣୁ ଚୀନକୁ ଆମେରିକା ନିଜର ସମକକ୍ଷ ରୂପେ ସ୍ୱୀକାର କରିବା ଉଚିତ। ଥୁସିଡାଇଡିସ୍ ?ଙ୍କ ଯନ୍ତାରୁ ମୁକୁଳିବା ପାଇଁ ସି ଟ୍ରମ୍ପଙ୍କୁ ଯେଉଁ ବାଟ ଦେଖାଇଦେଲେ କାପୁରୁଷ ଟ୍ରମ୍ପ କାଳବିଳମ୍ବ ନ କରି ତାହାର ସଦୁପଯୋଗ କରି ସିଙ୍କୁ ବନ୍ଧୁ ରୂପେ ପାଇ ନିଜକୁ ଗର୍ବିତ ବୋଧ କରୁଛନ୍ତି ବୋଲି ଘୋଷଣା କରି ନିଜ ଦେଶକୁ ଫେରିଯାଇଛନ୍ତି। ନିଜର ଅହଙ୍କାରକୁ ଗିଳିବାକୁ ପଡ଼ିଥିଲେ ବି ଯନ୍ତାରୁ ମୁକ୍ତିଲାଭ ପାଇଁ ତାହା ଏକ ସାମାନ୍ୟ ମୂଲ୍ୟ ବୋଲି ଟ୍ରମ୍ପ ବିଚାର କରିଛନ୍ତି।

ଭୂମଧ୍ୟସାଗରୀୟ ରଣନୀତିରେ ଭାରତର ଭାଗୀଦାରି

ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଚିଂଛି। ଗତ କିଛି ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଭୂତପୂର୍ବ ଗତିରେ ବିସ୍ତାରିତ ହୋଇଛି। ଏହି ସମ୍ପର୍କ କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରିରେ ପରିବର୍ତ୍ତିତ ହୋଇଛି। ସମ୍ପ୍ରତି ସମଗ୍ର ବିଶ୍ୱର ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ, ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଓ ସଂସ୍ଥାଗତ ସ୍ତରରେ କ୍ରମାଗତ ଆଲୋଚନା ଠାରୁ ଆଗକୁ ବଢ଼ୁଛି। ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକ ସ୍ତରରେ ପହଚିଂଛି। ଏଥିରେ ଦୁଇ ଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନଶୀଳତା ଏବଂ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି। ଏକବିଂଶ ଶତାବ୍ଦୀରେ ନବସୃଜନ କ୍ଷମତା, ଶକ୍ତି ପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳତାକୁ ମଜଭୁତ କରିବା ଉପରେ ଦେଶର ସମୃଦ୍ଧି ଓ ସୁରକ୍ଷା ନିର୍ଭର କରିଥାଏ। ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ। ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁ, ଯାହା ଫଳରେ ନୂଆ ଲକ୍ଷ୍ୟ ହାସଲ କରାଯାଇପାରିବ ଏବଂ ଦୁଇ ଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ। ଡିଜାଇନ୍ ? କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପର କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟା ଇଟାଲୀକୁ ଏକ ଶିଳ୍ପ ମହାଶକ୍ତିରେ ପରିଣତ କରିଛି। ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡ଼ି ଏକ ଶକ୍ତିଶାଳୀ ସନ୍ତୁଳନ ସୃଷ୍ଟି କରିବାକୁ ଚାହୁଁଛୁ। ଏହା କେବଳ ଏକ ସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃଢ଼ କରିବ। ୟୁରୋପୀୟ ସଂଘ ଓ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବଢ଼ାଇବାର ମାର୍ଗ ଖୋଲିଥାଏ। ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟାବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବଢ଼ାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ। ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟ କ୍ଷେତ୍ର ଓ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ। 'ମେଡ୍ ଇନ୍ ଇଟାଲୀ' ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକ ଭାବେ ଖ୍ୟାତି ଅର୍ଜନ କରିଛି। ଆଜି 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମର ଉଚ୍ଚ ଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳମେଳ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନିଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜଭୁତ ହେବା ଏକ ସକାରାତ୍ମକ ସଂକେତ ଦେଉଛି। ବର୍ତ୍ତମାନ ଦୁଇ ପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି। ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜଭୁତ କରିବ। ବୈଷୟିକ ନବସୃଜନ ଆମ ଭାଗୀଦାରିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଧାର। ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ଼ ବୈଷୟିକ ପରିବର୍ତ୍ତନ ଦେଖାଦେବ। ଏଥିରେ କୃତ୍ରିମ ବୁଦ୍ଧିମତ୍ତା, କ୍ୱାଂଟମ କମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତ ପ୍ରଗତି ହେବ। ଭାରତରେ ଦ୍ରୁତ ଗତିରେ ବଢ଼ୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ପେସାଦାର ତଥା ଇଟାଲୀର ଉନ୍ନତ ଶିଳ୍ପ କ୍ଷମତା ଏସବୁ କ୍ଷେତ୍ରରେ ଦୁଇ ଦେଶର ସହଯୋଗକୁ ସ୍ୱାଭାବିକ ଓ ରଣନୀତିକ କରିଥାଏ। ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରି ମଧ୍ୟ ଏହାକୁ ଆହୁରି ମଜଭୁତ କରିବ। ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି। ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ) ଆଜି ଆମ ସମାଜ ଓ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି। ଭାରତ ଓ ଇଟାଲୀ ଦୀର୍ଘ ସମୟ ଧରି ଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଉଛନ୍ତି, ଯାହା ଫଳରେ ଏଆଇର ବିକାଶ ଉତ୍ତରଦାୟୀ ଓ ମାନବ କେନ୍ଦ୍ରିକ ହୋଇପାରିବ। ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି। ବିଶେଷ କରି ଗ୍ଲୋବାଲ୍ ସାଉଥ୍ ଦେଶ ଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବଢ଼ାଇବା ପରିବର୍ତ୍ତେ ଭରଣା କରିପାରିବ। ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବକେନ୍ଦ୍ରିକ' ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବ କେନ୍ଦ୍ରିକ 'ଏଲ୍.?ଗୋର-ଏଥିକ୍' ଅବଧାରଣାକୁ ଆମେ ଆଗକୁ ବଢ଼ାଉଛୁ। କୃତ୍ରିମ ବୁଦ୍ଧିମତାକୁ ସାମାଜିକ ସଶକ୍ତୀକରଣର ମାଧ୍ୟମରେ ପରିଣତ କରିବା ଆମ ଭାଗୀଦାରିର ଉଦ୍ଦେଶ୍ୟ। ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀର ନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡ଼ିବାକୁ ଆମେ ଲକ୍ଷ୍ୟ ରଖିଛୁ, ଯାହାଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇପାରିବ। ସୁରକ୍ଷିତ ଡିଜିଟାଲ୍ ସହଯୋଗ, କ୍ଷମତା-ନିର୍ମାଣ ଓ ମଜଭୁତ ସାଇବର ଭିତ୍ତିଭୂମି ସହ ଜଡ଼ିତ ସର୍ବୋତମ ଅଭ୍ୟାସଗୁଡ଼ିକୁ ବାଂଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଓ ସମାନ ଡିଜିଟାଲ୍ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇପାରିବେ। ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରାଯାଇଥିଲା। ଏଆଇକୁ ମଣିଷ ଦ୍ୱାରା ଓ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତିବିଦ୍ୟା ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତିବିଦ୍ୟା ମଣିଷର ସ୍ଥାନ ଗ୍ରହଣ କରିପାରିବ ନାହିଁ କିମ୍ବା ସେମାନଙ୍କର ମୌଳିକ ଅଧିକାରକୁ ଦୁର୍ବଳ କରିପାରିବ ନାହିଁ। ଜନମତକୁ ପ୍ରଭାବିତ କରିବା କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ମଧ୍ୟ ଏହାର ଉପଯୋଗ କରାଯିବା ଉଚିତ ନୁହେଁ। ବ୍ୟାପକ ଭାବେ ପରସ୍ପର ସହ ଜଡ଼ିତ ବିଶ୍ୱରେ ସ୍ୱାଧୀନତା ଓ ମାନବ ମର୍ଯ୍ୟାଦାକୁ ରକ୍ଷା କରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ। ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ୍ୟ ବିସ୍ତାରିତ। ମହାକାଶ ଗବେଷଣା ଓ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷ ରହିଛି। ଏହା ମିଳିତ ପ୍ରକଳ୍ପ ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ। ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରି। ତେଣୁ, ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜଭୁତ କରିବାକୁ ଚାହାନ୍ତି। ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧ ଓ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ। ଶକ୍ତି ହେଉଛି ଆମ ସହଭାଗୀତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ବିଶ୍ୱରେ ବିବିଧ ଶକ୍ତି ଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଓ ସହଯୋଗ ଆବଶ୍ୟକ। ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତି ଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟ ଗ୍ରିଡ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି। ସବୁଜ ହାଇଡ୍ରୋଜେନ୍ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି। ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତି ଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରବେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ଏହା ସମ୍ପୂର୍ଣ୍ଣ ମେଳ ଖାଉଛି। ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ- ଅନ୍ତର୍ଜାତୀୟ ସୌର ମେଟଂ (ଆଇଏସଏ), ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଟସ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋଫୁଏଲ୍‌ସ ଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଭୌତିକ, ଡିଜିଟାଲ ଓ ମାନବୀୟ ସମ୍ପର୍କର ଖିଅରେ ଆମେ ପରସ୍ପର ସହ ବାନ୍ଧି ହୋଇ ରହିଛୁ। ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତ ମହାସାଗର ଓ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି। ଏବେ ଏହି କ୍ଷେତ୍ରଗୁଡ଼ିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡ଼ିତ ଅଂଚଳ ରୂପରେ ଦେଖାଯାଉଛି। ବାସ୍ତବରେ ଏକ ନୂଆ 'ଭାରତ-ଭୂମଧ୍ୟସାଗର' (ଇଣ୍ଡୋ-ମେଡିଟେରେନିୟାନ) କ୍ଷେତ୍ର ବିକଶିତ ହେଉଥିବା ଆମେ ଦେଖୁଛୁ। ଏହି କ୍ଷେତ୍ର ବାଣିଜ୍ୟ କାରବାର, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଡାଟା ଓ ବିଚାରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡ଼ିଥାଏ। ପରସ୍ପର ସହ ଜଡ଼ିତ ଏହି କ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରି ରୂପେ ବିକଶିତ ହେଉଛି। ଏପରି ଭାଗୀଦାରି ଦୁଇଟି ମହାଦେଶକୁ ଯୋଡ଼ିଥାଏ ଏବଂ ନୂଆ ବିଶ୍ୱ ପରିସ୍ଥିତିକୁ ଆକାର ଦେଇଥାଏ। ଏହି ପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡର (ଆଇଏମଇସି) ଏକ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା। ଏହାର ଲକ୍ଷ୍ୟ ହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱାର୍କ, ଶକ୍ତି ବ୍ୟବସ୍ଥା ଓ ଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା। ଭାରତ ଓ ଇଟାଲୀ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶି କାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି। ଦୁଇ ଦେଶ ମଧ୍ୟରେ ଗଭୀର ସମ୍ପର୍କ ଓ ଲମ୍ବା ସାଂସ୍କୃତିକ ସଫଳତା ଆଧାରରେ ଆମେ ଆମ ସହଯୋଗୀ ସମସ୍ୟାର ସମାଧାନ କରିପାରିବା। ଭାରତୀୟ ସଂସ୍କୃତିରେ 'ଧର୍ମ'ର ବିଚାର ସେହି ଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ। ସେହିପରି 'ବସୁଧୈବ କୁଟୁମ୍ବକମ୍'- ଅର୍ଥାତ୍ 'ସାରା ବିଶ୍ୱ ଏକ ପରିବାର'ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡ଼ିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି। ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି। ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଓ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ କରିପାରେ। ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃଢ଼, ଆଧୁନିକ ଓ ଭବିଷ୍ୟ ଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ।

ମାକ୍ରୋୱେଭ ଟେକ୍ନୋଲୋଜି ପରିସରରେ ବିଶାଳ ରକ୍ତଦାନ ଶିବିର

ଭଦ୍ରକ : ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଏକ ରକ୍ତଦାନ ଶିବିର ମାକ୍ରୋୱେଭ ଟେକ୍ନୋଲୋଜି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟଙ୍କ ଜନ୍ମ ଦିନକୁ ରକ୍ତଦାନ ଶିବିରରେ ଆୟୋଜନ କରି ନିଆରା ଢଙ୍ଗରେ ପାଳନ ପୂର୍ବକ ସମାଜକୁ ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି। ଏ ଶିବିରକୁ ଭଦ୍ରକ ଜିଲ୍ଲା ଶିଳ୍ପ କେନ୍ଦ୍ର ତଥା ସମାଜସେବୀ ପୂର୍ବତନ ସାଧାରଣ ପରିଚାଳକ ... ପ୍ରତିଥାୟକ ପରିଡା ଉଦ୍‌ଘାଟନ କରିଥିଲେ। ଏଭଳି ସାଧୁ ଉଦ୍ୟମକୁ ସେ ପ୍ରଶଂସା କରିବା ସହ କାର୍ଯ୍ୟକ୍ରମର ସଫଳ ରୂପାୟନ କାମନା କରିଥିଲେ। ସଂସ୍ଥାର ନିର୍ଦ୍ଦେଶିକା ନମ୍ରତା ରାୟ ଅକ୍ଳାନ୍ତ ପରିଶ୍ରମ କରି କାର୍ଯ୍ୟକ୍ରମକୁ ସୁପରିଚାଳିତ କରିଥିଲେ। ୮୪ ଜଣ ନାମ ରେଜିଷ୍ଟର କରିଥିଲେ ଯେଉଁମାନଙ୍କ ମଧ୍ୟରୁ ଯୋଗ୍ୟ ୪୦ ଜଣ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବଲୁ ସିକଦାର, ଡଃ ଅରୁଣ କୁମାର ଲେଙ୍କା, ସତ୍ୟଙ୍କର ବରାଳ, ରାଜକିଶୋର ମିଶ୍ର ଏବଂ ଓସମେ ର ପ୍ରତିନିଧି ଯାଦବ ଲେଙ୍କା ଉପସ୍ଥିତ ରହି ରକ୍ତଦାନ ଶିବିରର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ବ୍ଲଡ଼ ବ୍ୟାଙ୍କ ଅଫିସର ଡଃ ବିମଳା ମିଶ୍ର, ଟେକ୍ନିକାଲ ଅଫିସର ଲେଲିନା ସ୍ୱାଇଁ, ଲାବୋରେଟୋରୀ ଟେକ୍ନିସିଆନ ରବୀନ୍ଦ୍ର ଜେନା ଓ ମନିଷା ଜେନା, ଯାଜ୍ଞସେନି ସାହୁ, ଅରୁଣ କୁମାର ପରିଡା, ବଳରାମ ପୁହାଣ ରକ୍ତ ସଂଗ୍ରହ କରିଥିଲେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com/ utkalsamachar@rediffmail.com (...) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003

ଆଗାମୀ ଶୀତଲଷଷ୍ଠୀ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

ସମ୍ବଲପୁର,୨୫/୫(ନି/ପ୍ର): ଆଗାମୀ ଜୁନ୍ ୧୫ ତାରିଖରୁ ଆରମ୍ଭ ହେବ ସମ୍ବଲପୁରର ପ୍ରସିଦ୍ଧ ପବିତ୍ର ଶୀତଲଷଷ୍ଠୀ। ଏହି ଯାତ୍ରାକୁ ଅତି ଶୃଙ୍ଖଳିତ ଭାବେ ଆକର୍ଷଣୀୟ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଜୁନ୍ ୧୫ ତାରିଖରୁ ଏହି ପବିତ୍ର ଯାତ୍ରା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାକୁ ସମ୍ପୂର୍ଣ୍ଣ ଶୃଙ୍ଖଳିତ ଭାବେ କରିବା ପାଇଁ ସମସ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗତ ବର୍ଷର ଶୀତଲଷଷ୍ଠୀ ଯାତ୍ରା ବିଭିନ୍ନ କମିଟି ଏବଂ ଜନସାଧାରଣଙ୍କ ସହଯୋଗରେ ଅତି ସୁଦୂରପ୍ରସାରୀ ଓ ସଫଳ ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଉଭୟ ସୁରକ୍ଷା ଓ ଶୃଙ୍ଖଳା ଉପରେ ସରକାର ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କହିଥିଲେ। ଯାତ୍ରାର ସଫଳ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଶୀତଲଷଷ୍ଠୀ ଯାତ୍ରା କମିଟି ଗୁଡ଼ିକ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଯାତ୍ରା ସମୟରେ ଯେପରି ଗୋଟିଏ କମିଟି ଅନ୍ୟ କମିଟିର ଶୋଭାଯାତ୍ରା ଆଗରେ ସମସ୍ୟା ସୃଷ୍ଟି ନକରେ, ସେଥିପାଇଁ ମିନିଟ୍-ଟୁ-ମିନିଟ୍ ସମୟସୀମା ଅନୁସରଣ କରିବାକୁ କୁହାଯାଇଛି।ନନ୍ଦପଡ଼ା, ଝାଡୁଆପଡ଼ା ଏବଂ ବଡ଼ ସଡ଼କ ଭଳି ଅତ୍ୟଧିକ ଭିଡ଼ ହେଉଥିବା ଅଂଚଳରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ପ୍ରସ୍ଥାନ ରୁଟ୍ ବ୍ୟବସ୍ଥା କରାଯିବ, ଯଦ୍ୱାରା ଜନସାଧାରଣ ସହଜରେ ଯାତ୍ରା ଦେଖି ବାହାରକୁ ଆସିପାରିବେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମହାନଗର ନିଗମ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବ। ସହରର ବିଭିନ୍ନ ଛକରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରତି ପୂଜା କମିଟିକୁ ଓଆରଏସ୍ ପ୍ୟାକେଟ୍ ପ୍ରଦାନ ଏବଂ ଜରୁରୀକାଳୀନ ସେବା ପାଇଁ ମୋବାଇଲ୍ ଆମ୍ବୁଲାନ୍ସ ମୁତୟନ କରାଯିବ। ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ କରାଯିବ।ଉତ୍ସବ ସମୟରେ ସହରରେ ଅବିରତ ପାନୀୟ ଜଳ ଯୋଗାଣ କରାଯିବ। ୱାଟକୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସିଣ୍ଟେକ୍ସ ଟାଙ୍କି ଏବଂ ପ୍ରତ୍ୟେକ ଶୋଭାଯାତ୍ରା ପାଇଁ ଗୋଟିଏ ଲେଖାଏଁ ଜଳ ଟାଙ୍କରର ବ୍ୟବସ୍ଥା କରାଯିବ। ଏଥିସହ ଏନଜିଓ ମାନଙ୍କୁ ମଧ୍ୟ ଜଳ ଯୋଗାଣ କାର୍ଯ୍ୟରେ ସାମିଲ କରାଯିବ। ସହରରେ ୨୪ ଘଣ୍ଟିଆ ଅବିରତ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ୍ କୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାକଡ଼ ଏବଂ ରିଙ୍ଗ୍ ରୋଡ୍ରେ ଅଧିକ ଆଲୋକର ବ୍ୟବସ୍ଥା ସହ ଷ୍ଟ୍ରୀଟ୍ ଲାଇଟ୍ ଗୁଡ଼ିକର ମରାମତି କରାଯିବ। ସମ୍ବଲପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ। କୌଣସି ଆପନ୍ନ କାଳୀନ ପରିସ୍ଥିତିକୁ ରୋକିବା ପାଇଁ ଅଗ୍ନିଶମ ବାହିନୀ ସଜାଗ ରହିବେ। ଶୀତଳ ଷଷ୍ଠୀ ପାଇଁ ରାସ୍ତାଘାଟ ସଫେଇ, ଡ୍ରେନେଜ୍ ମରାମତି, ଏନକ୍ରୋଚମେଣ୍ଟ (ଉଚ୍ଛେଦ) ଏବଂ ରାସ୍ତାରେ ଥିବା ଗଛର ଡାଳ କାଟିବା ଆଦି ସମସ୍ତ ପ୍ରାକ୍-ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମୟବଦ୍ଧ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁରର ଏହି ଗୌରବମୟ ସାଂସ୍କୃତିକ ଗଣପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ। ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

ଝାରସୁଗୁଡା ପୋଲିସର ବଡ ସଫଳତା:

ନକଲି ଇ-ଚାଲାଣ ଓ ଏପିକେ ଫାଇଲ୍ ମାଧ୍ୟମରେ ଠକେଇ କରୁଥିବା ଆନ୍ତଃରାଜ୍ୟ ସାଇବର ଗ୍ୟାଙ୍ଗ ଧରାପଡିଲା

ଝାରସୁଗୁଡା, ୨୫/୫(ନି/ପ୍ର): ଝାରସୁଗୁଡା ପୋଲିସ ସାଇବର ଠକେଇ ବିରୋଧରେ ଏକ ବଡ ସଫଳତା ହାସଲ କରିଛି। ଏପିକେ ଫାଇଲ୍ ଏବଂ ନକଲି ଇ-ଚାଲାନ ଲିଙ୍କ ମାଧ୍ୟମରେ ଲୋକଙ୍କ ମୋବାଇଲ୍ ଓ ବ୍ୟାଙ୍କ ଖାତାରୁ ଟଙ୍କା ଠକୁଥିବା ଏକ ଆନ୍ତଃରାଜ୍ୟ ସାଇବର ଗ୍ୟାଙ୍ଗକୁ ପୋଲିସ ଧରିବାରେ ସଫଳ ହୋଇଛି। ଏହି ମାମଲା ସାଇବର ଥାନା କେସ୍ ନମ୍ବର ୦୩/୨୦୨୬ ଅନୁସାରେ ରୁଜୁ ହୋଇଥିଲା। ପୁରୁଣାବସ୍ତି ଅଂଚଳର ସୁଧୀର କୁମାର ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବ୍ୟାଙ୍କ ଖାତାରୁ ସାଇବର ଠକେଇ ମାଧ୍ୟମରେ ଅନଧିକୃତ ଭାବେ ୬ ଲକ୍ଷ ୪୦ ହଜାର ୨୯୬ ଟଙ୍କା ଉଠାଇ ନିଆଯାଇଥିଲା। ଅଭିଯୋଗ ପାଇବା ପରେ ଝାରସୁଗୁଡା ସାଇବର କ୍ରାଇମ ପୋଲିସ ତତ୍କ୍ଷଣାତ୍ ଭାରତୀୟ ନ୍ୟାୟ ସଂହିତା (ଇଘଝ) ଓ ସୂଚନା ପ୍ରଯୁକ୍ତି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ବୈଜ୍ଞାନିକ ଓ ଟେକ୍ନିକାଲ୍ ତଦନ୍ତ ଆରମ୍ଭ କରିଥିଲା। ଡିଜିଟାଲ୍ ପ୍ରମାଣ ସଂଗ୍ରହ, ବ୍ୟାଙ୍କ ଖାତା ଯାଞ୍ଚ୍ ଓ ସାଇବର ଇଂଟେଲିଜେନ୍ସ ମାଧ୍ୟମରେ ପୋଲିସ ଏହି ଠକେଇ ଚକ୍ରର ସୂତ୍ର ପାଇଥିଲା। ତଦନ୍ତରେ ଜଣାପଡିଥିଲା ଯେ, ଅଭିଯୁକ୍ତମାନେ ଭୁଆ ଟ୍ରାଫିକ ଇ-ଚାଲାନ ଲିଙ୍କ ଓ ମାଲିସିୟସ ଏପିକେ ଫାଇଲ୍ ପଠାଇ ଲୋକଙ୍କ ମୋବାଇଲ୍ ହ୍ୟାକ୍ କରୁଥିଲେ ଏବଂ ବ୍ୟାଙ୍କିଙ୍ଗ ସୂଚନା ଚୋରି କରି ଟଙ୍କା ଠକୁଥିଲେ। ପୋଲିସର ବିଶେଷ ଟିମ୍ ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲାରେ ଚଢଉ କରି ଦୁଇ ଅଭିଯୁକ୍ତ ବାମାଚରଣ କାଟାରି (୩୨) ଓ ବିଶ୍ୱଜୀତ କର୍ମକାର (୪୩)ଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ଅଧିକ ତଦନ୍ତ ପାଇଁ ଟ୍ରାନ୍ଜିଟ୍ ରିମାଣ୍ଡ ଅନୁମତି ସହ କୋର୍ଟରେ ହାଜର କରାଯାଇଛି। ଝାରସୁଗୁଡା ପୋଲିସ ବିଭିନ୍ନ ବ୍ୟାଙ୍କ, ପେମେଣ୍ଟ ଗେଟୱେ ଓ ଆର୍ଥିକ ସଂସ୍ଥା ସହ ସମନ୍ୱୟ ରଖି ଠକେଇ ହୋଇଥିବା ଟଙ୍କାକୁ ଫ୍ରିଜ୍ କରିବାରେ ମଧ୍ୟ ସଫଳ ହୋଇଛି। ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ୨ ଲକ୍ଷ ୯୬ ହଜାର ୧୯୮ ଟଙ୍କା ୭୩ ପଇସା ଅଭିଯୋଗକାରୀଙ୍କୁ କୋର୍ଟ ନିର୍ଦ୍ଦେଶରେ ଫେରାଇ ଦିଆଯାଇଛି। ପୋଲିସ ସାଧାରଣ ଲୋକଙ୍କୁ ସତର୍କ କରି କହିଛି ଯେ, ଅଜଣା। ଏପିକେ ଫାଇଲ୍, ଭୁଆ ଇ-ଚାଲାନ ଲିଙ୍କ କିମ୍ବା ସନ୍ଦେହଜନକ ଏସ ଏମ ଏସ, ୱାଟସେପ ଓ ସୋସିଆଲ୍ ମିଡିଆ ଲିଙ୍କରେ କ୍ଲିକ୍ କରନ୍ତୁ ନାହିଁ। କୌଣସି ଅଜଣା ଆପ୍ ଇନଷ୍ଟଲ୍ କରିବା କିମ୍ବା ବ୍ୟାଙ୍କ ସମ୍ବନ୍ଧୀୟ ଗୋପନୀୟ ସୂଚନା ସେୟାର କରିବାରୁ ବିରତ ରହିବାକୁ ଅନୁରୋଧ କରାଯାଇଛି। ସାଇବର ଠକେଇ ଘଟିଲେ ତୁରନ୍ତ ୧୯୩୦ ସାଇବର ହେଲ୍ପଲାଇନ୍ କିମ୍ବା ଜାତୀୟ ସାଇବର କ୍ରାଇମ ପୋର୍ଟାଲରେ ଅଭିଯୋଗ କରିବାକୁ ପୋଲିସ ପରାମର୍ଶ ଦେଇଛି।

ଆମେରିକା କଳାକାର ପରିବାରରେ ବାହାହେଲେ ଜିତେନ୍ଦ୍ରିୟ ହରିପାଲଙ୍କ ନାତୁଣୀ ପାୟଲ

ସମ୍ବଲପୁର,୨୫/୫(ନି/ପ୍ର): ସମ୍ବଲପୁରୀ ଲୋକ ସଙ୍ଗୀତର ସାଧନାରେ ପୂରା ପରିବାର ନିମଗ୍ନ। ଅଶୀ ଦଶକର ପ୍ରସିଦ୍ଧ ରଙ୍ଗବତୀ ଗୀତକୁ ସୁମଧୁର କଣ୍ଠରେ ଗାନକରି ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ପଦ୍ମଶ୍ରୀ ଡ. ଜିତେନ୍ଦ୍ରିୟ ହରିପାଲଙ୍କ ପୂରା ପରିବାର କଳା ପାଇଁ ସମର୍ପିତ। ଜଣେ କଳାକାର ହିଁ ଜାଣିପାରେ ପ୍ରକୃତ କଳାର ମହତ୍ୱ। ଏହି ଆଧାରରେ ଦରିଆପାରି ଆମେରିକା ନିଉଜର୍ସିର ବାସିନ୍ଦା କଳାକାର ପରିବାରର ଯୁବକଙ୍କୁ ନାତୁଣୀଜ୍ୱାଇଁ ଭାବେ ବରଣ କରିଛନ୍ତି ପଦ୍ମଶ୍ରୀ ଡ. ହରିପାଲ। ଆଉ ଦୁଇ ଦେଶର ଏହି ପ୍ରତିଷ୍ଠିତ କଳାକାର ପରିବାର ମଧ୍ୟରେ ଯୋଡ଼ିହୋଇଛି ଭାବଗତ ସମ୍ପର୍କ। ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତିରେ ବିଦେଶୀ ବର କାଏଲ ଜନ ଫିଗୁଲା ଆସି ପାୟଲଙ୍କ ହାତ ଧରିଛନ୍ତି ସମ୍ବଲପୁରରେ। ବିଶିଷ୍ଟ ସମ୍ବଲପୁରୀ ଗାୟକ ଡ. ହରିପାଲଙ୍କ ନାତୁଣୀ ପାୟଲ ହରିପାଲ ଏବେ ଆମେରିକାର ନିୟୁଜର୍ସି ସହରର କାଏଲ ଜନ ଫିଗୁଲା ନାମକ ଜଣେ ୨୯ ବର୍ଷୀୟ ଯୁବକଙ୍କୁ ବିବାହ କରି ଚର୍ଚ୍ଚାରେ ଅଛନ୍ତି। ଗତ ୮ ତାରିଖରେ କୋର୍ଟରେ ବିବାହ କରିବା ପରେ ଗତ ୧୩ ତାରିଖ ହିନ୍ଦୁ ରୀତିନୀତିରେ ବିବାହ କରିଛନ୍ତି। ସୂଚନାଯୋଗ୍ୟ ଯେ, କାଏଲ ଜନ ଫିଗୁଲାଙ୍କ ବାପାଙ୍କଠାରୁ ଅନଲାଇନରେ ଗିଟାର ଶିକ୍ଷା ଗ୍ରହଣ କରୁଥିଲେ ପାୟଲ। ପାୟଲ କଳାକାର ପରିବାରର ବୋଲି ଜାଣି ତାଙ୍କୁ ବୋହୂ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ଫିଗୁଲାଙ୍କ ବାପା। ଏହି ଶିକ୍ଷା ସମୟରେ କାଏଲ ଓ ପାୟଲଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଏହା ପରେ ଉଭୟେ ଉଭୟଙ୍କୁ ପ୍ରେମ କରିବା ଆରମ୍ଭ କରିଥିଲେ। ପରେ ଉଭୟ ପରିବାରର ସହମତିରେ ଏହି ବିବାହ ହୋଇଥିଲା। କାଏଲ ଫିଗୁଲା ଆମେରିକାରରେ ଏକ ୱେବ୍ ଡେଭଲପର ଭାବେ କାମ କରନ୍ତି। ଅନ୍ୟପଟେ ପାୟଲ ଦିଲ୍ଲୀର ଏକ କମ୍ପାନିରେ ଇଭେଣ୍ଟ ମ୍ୟାନେଜମେଣ୍ଟ କାମ କରୁଛନ୍ତି। ଉଭୟଙ୍କ ବିବାହ ଦ୍ୱାରା ଉଭୟ ଅଂଚଳର ସଂସ୍କୃତିର ପ୍ରଚାରପ୍ରସାର ଅଧିକମାତ୍ରାରେ ହୋଇପାରିବ ବୋଲି କାଏଲ ଆଶାବ୍ୟକ୍ତ କରିଛନ୍ତି। ଏ ଅବସରରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ଭବନଠାରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ତରଫରୁ ଅନ୍ତର୍ଜାତୀୟ ବିବାହ କରିଥିବା କାଏଲଙ୍କୁ ଅଧ୍ୟକ୍ଷ ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ପାୟଲଙ୍କ ଅଜା ଡ. ହରିପାଲ, ବାପା ପ୍ରଭାତ ହରିପାଲ, ମା' ମିନୁ ହରିପାଲ, ଭଉଣୀ ଘୁଙ୍ଗୁରୁ, ଗୁଞ୍ଜନ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଡ. ସୁଶୀଲ ବେହେରା, ଆଇନଜୀବୀ ଜୟକୃଷ୍ଣ ବେହେରା, ସୁରେଶ୍ୱର ଭୋଇ, ଝସକେତନ ଦୀପ, ଉପମହାସଚିବ ଯମୁନା ଶିକା, ଶିବପ୍ରିୟା ସାହୁ, ପଦ୍ମିନୀ ଭୋଇ, ସୁନୟନା ନାୟକ, ପିଙ୍କି ଲୁହା, ଭଗବାନ ନିଆଲ ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ। ମହାସଚିବ ମୋମିନା ଖାତୁନ ଧନ୍ୟବାଦ ଦେଇଥିଲେ।

ଇବ ଥର୍ମାଲର ୟୁନିଟ୍-୧ର ବୃହତ୍ ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ

୨୦୪୧ ପର୍ଯ୍ୟନ୍ତ ବୃଦ୍ଧି ପାଇଲା ପିପିଏ ଚୁକ୍ତି

ଝାରସୁଗୁଡା,୨୫/୫(ନି/ପ୍ର): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ପକ୍ଷରୁ ଇବ ଥର୍ମାଲ ପାୱାର ଷ୍ଟେସନର ଷ୍ଟେଜ୍-୧ ଅଧୀନ ୟୁନିଟ୍-୧ର ବୃହତ୍ ରିନୋଭେସନ ଓ ମଡର୍ନାଇଜେସନ୍ (ଆର୍ ଏଣ୍ଡ ଏମ୍) କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। କମ୍ପାନୀ ସୂତ୍ରରୁ ପ୍ରକାଶ, ବ୍ୟାପକ ନବୀକରଣ କାର୍ଯ୍ୟ ପରେ ୨୦୨୬ ମଇ ୧ ତାରିଖରେ ୨୧୦ ମେଗାୱାଟ୍ କ୍ଷମତାସମ୍ପନ୍ନ ୟୁନିଟ୍-୧ ସଫଳତାର ସହ ପାୱାର ଗ୍ରିଡ୍ ସହ ସିଙ୍କ୍ରୋନାଇଜ୍ କରାଯାଇଥିଲା। ବର୍ତ୍ତମାନ ଏହି ୟୁନିଟ୍ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଥିବା ସହ ଏହାର କାର୍ଯ୍ୟଦକ୍ଷତାରେ ଲକ୍ଷଣୀୟ ସୁଧାର ଆସିଛି। ଏହା ପୂର୍ବରୁ ୨୦୨୫ ମାର୍ଚ୍ଚ ମାସରେ ୟୁନିଟ୍-୨ର ଆର୍ ଏଣ୍ଡ ଏମ୍ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଥିଲା। ଷ୍ଟେଜ୍-୧ ପ୍ଲା[ରେ ୧୯୯୪ ଓ ୧୯୯୬ ମସିହାରେ କମିଶନ୍ ହୋଇଥିବା ଦୁଇଟି ୨୧୦ ମେଗାୱାଟ୍ ୟୁନିଟ୍ ରହିଛି। ତିନି ଦଶକରୁ ଅଧିକ ସମୟ ଧରି ଅବିରତ ସେବା ପରେ ଏହି ୟୁନିଟ୍ ଗୁଡ଼ିକର କାର୍ଯ୍ୟକୁଶଳତା, ନିର୍ଭରଯୋଗ୍ୟତା ଓ ଦୀର୍ଘମିଆଦି ସ୍ଥାୟୀତ୍ୱ ବୃଦ୍ଧି ପାଇଁ ଆବଶ୍ୟକ ଇଞ୍ଜିନିୟରିଂ ହସ୍ତକ୍ଷେପ କରାଯାଇଥିଲା। ଓଡ଼ିଶା ବିଦ୍ୟୁତ୍ ନିୟନ୍ତ୍ରଣ ଆୟୋଗ (ଓଇଆରସି) ଏବଂ ବିଦ୍ୟୁତ୍ କ୍ରେତାଙ୍କ ଅନୁମୋଦନ ପରେ ଏହି ଆଧୁନିକୀକରଣ କାର୍ଯ୍ୟ କରାଯାଇଥିଲା। ଏହାର ଅଧୀନରେ ହାଇ ପ୍ରେସର ଓ ଇଂଟରମିଡିଏଟ୍ ପ୍ରେସର ଟର୍ବାଇନ୍ ମଡ୍ୟୁଲ୍ ପରିବର୍ତ୍ତନ, ଲୋ ପ୍ରେସର ଟର୍ବାଇନ୍ ବ୍ଲେଡ୍ ପରିବର୍ତ୍ତନ, ଏୟାର ପ୍ରି-ହିଟର ପୁନସ୍ଥାପନ, ବଏଲରର ବ୍ୟାପକ ମରାମତି, ଇଲେକ୍ଟ୍ରିକାଲ୍ ଓ କଂଟ୍ରୋଲ୍ ସିଷ୍ଟମ ଅପଗ୍ରେଡ୍ ସହ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରିସିପିଟେଟର ଓ ଫ୍ଲୁ ଗ୍ୟାସ୍ ଡକ୍ଟର ମୁଖ୍ୟ ହାର୍ଡୱେର୍ ପରିବର୍ତ୍ତନ କରାଯାଇଛି। ଏହା ସହ ଷ୍ଟେଜ୍-୧ ୟୁନିଟ୍ ଗୁଡ଼ିକ ପାଇଁ ପାୱାର ପର୍ଚେଜ୍ ଏଗ୍ରିମେଣ୍ଟ (ପିପିଏ)କୁ ଆଉ ୧୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଚୁକ୍ତି ୨୦୨୬ ଜୁନ୍ ୩୦ ରେ ସମାପ୍ତ ହେବାକୁ ଥିବାବେଳେ ବର୍ତ୍ତମାନ ଏହା ୨୦୪୧ ଜୁନ୍ ୩୦ ପର୍ଯ୍ୟନ୍ତ ବୈଧ ରହିବ। ଏହି ସମୟ ବୃଦ୍ଧି ଦ୍ୱାରା ରାଜ୍ୟରେ ଦୀର୍ଘମିଆଦି ଗ୍ରିଡ୍ ସ୍ଥିରତା ଓ ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଓପିଜିସିର ସମୁଦାୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୧,୭୪୦ ମେଗାୱାଟ୍ ରହିଥିବାବେଳେ ସଂସ୍ଥା ରାଜ୍ୟର ପ୍ରାୟ ଏକ-ତୃତୀୟାଂଶ ବିଦ୍ୟୁତ୍ ଚାହିଦା ପୂରଣ କରୁଛି।

ସମ୍ପତି ପାଇଁ ଭାଇ ସାଜିଲା ଭଉଣୀର ଭଗାରୀ, ଧାରୁଆ ଅସ୍ତ୍ରରେ ଭଉଣୀଙ୍କୁ କଲା ଆକ୍ରମଣ

ଭଦ୍ରକ, ୨୫/୫(ନି/ପ୍ର): ଏହି ଜିଲାର ତିହିଡି ଥାନା ଅଂଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ବ୍ୟବସ୍ଥା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଜମି ବାଡ଼ି ବିବାଦ ଭଳି ସେନ୍ସିଟିଭ୍ ଘଟଣାରେ ଥାନାରେ ଦୁଇ ଦୁଇଥର ଲିଖିତ ଅଭିଯୋଗ ହେବା ପରେ ମଧ୍ୟ ପୋଲିସ ପକ୍ଷରୁ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ନ ହେବାକୁ ନେଇ ପୀଡ଼ିତ ପରିବାର ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ।ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ତିହିଡି ଥାନା ଅଧୀନ ମାଟିଆସାହି ଗ୍ରାମରେ । ସୂଚନା ଅନୁଯାୟୀ, ଗ୍ରାମର ପରମେଶ୍ୱର ମାଝୀ ଏବଂ ତାଙ୍କ ଭଉଣୀଙ୍କ ଅଭିଯୋଗ ଯେ, ତାଙ୍କର ମଝିଆଁ ଭାଇ ଲକ୍ଷ୍ମୀଧର ମାଝୀ ଏବଂ ସପରିବାର ମିଶି ଚାଲାକିରେ ତାଙ୍କ ପୈତୃକ ସମ୍ପତି ଓ ଘର ଜମିକୁ ଦଖଲ କରି ରଖିଛନ୍ତି । ଏ ମିତିକି ୪ଭଉଣୀ ଙ୍କୁ କାଗଜ ପତ୍ରରେ ବେଦଖଲ କରିଥିବା ଦେଖିବାକୁ ମିଳିଛି,ଏହି ଘଟଣାକୁ ନେଇ ତିନି ଭଉଣୀ ଘଟଣା ସ୍ଥଳରେ ପହଂଚି ପ୍ରଶ୍ନ ପଚାରି ବାରୁ ଲକ୍ଷ୍ମୀ ଧର ଏବଂ ସ ପରିବାର ଧାରୁଆ ଅସ୍ତ୍ର ରେ ଆକ୍ରମଣ କରିଥିଲେ ଫଳରେ ଭଉଣୀ ମାନେ ଏନେଇ ତିହିଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ, ସେହିପରି ସାନଭାଇ ପରମେଶ୍ୱର ଘର ଆଗରେ ମଝିଆଁ ଭାଇ ଏବଂ ତାଙ୍କ ପରିବାର ଏକ ନୂତନ ଘର କରିବା ସହିତ ପରମେଶ୍ୱର କୁ ଘର ଭିତରକୁ ଯିବାକୁ ଦେଉ ନାହାନ୍ତି, ଏନେଇ ପରମେଶ୍ୱର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନାହାନ୍ତି ଏହି ପରିବାର,ପୀଡ଼ିତ ପକ୍ଷ ତିହିଡି ଥାନାରେ ଦୁଇଥର ଲିଖିତ ଏଫଆଇଆର ଦାଖଲ କରିଥିବା ସତ୍ତ୍ୱେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ନ୍ୟାୟସଙ୍ଗତ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି । ପରମେଶ୍ୱର ମାଝୀଙ୍କ କହିବା ଅନୁସାରେ, ସେମାନେ ନିଜ ଅଧିକାର ପାଇଁ ପୁନଃପୁନି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସ କେବଳ ତଦନ୍ତର ଆଶ୍ୱାସନ ଦେଇ ସମୟ ଗଡ଼ାଉଛି । ଏପର୍ଯ୍ୟନ୍ତ ଘଟଣା ସ୍ଥଳକୁ ଯାଇ ସଠିକ ତଦନ୍ତ କରାଯାଇନଥିବା ବେଳେ, ଅଭିଯୁକ୍ତ ପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟକରୀ ପଦକ୍ଷେପ ନ ନିଆଯାଇଥିବାରୁ ପୀଡ଼ିତ ପରିବାର ଭୟ ଓ ଅନିଶ୍ଚିତତାରେ ଦିନ କାଟୁଛନ୍ତି ।

ସମ୍ବଲପୁରରେ ବିଶ୍ୱ ସଂସ୍କୃତି ଦିବସ

ସମ୍ବଲପୁର,୨୫/୫(ନି/ପ୍ର): ପରସ୍ପର ଆଦାନ ପ୍ରଦାନ ତଥା ଗ୍ରହଣୀୟତା ମଧ୍ୟରେ ସାଂସ୍କୃତିକ ଧାରା ପ୍ରବାହିତ ହେଉଥିବାରୁ ସମସ୍ତଙ୍କ ସହ ସମସ୍ତଙ୍କର ସଦା ସମନ୍ୱୟ ଏବଂ ଏକତା ରହିଆସିଛି। ଯଦି ଏଥିରେ ଅସହିଷ୍ଣୁତା ପ୍ରବେଶ କରିବ ନାହିଁ ତେବେ ପ୍ରକୃତ ମର୍ମରେ ବସୁଧୈବ କୁଟୁମ୍ବକମ୍ ସ୍ଥାପିତ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଡ଼ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଶ୍ୱ ସଂସ୍କୃତି ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ଡ଼. ବ୍ୟୋମକେଶ ତ୍ରିପାଠୀ କହିଲେ ଯେ ଗୋଟିଏ ସମୂହର ସ୍ଥାନାନ୍ତରଣ ବା ଅନ୍ୟ ସ୍ଥାନରେ ଯାଇ ବାସ କରିବା ମଧ୍ୟରେ ସଂସ୍କୃତି ମଧ୍ୟ ଦୂର ଦୂରାନ୍ତରକୁ ଯାତ୍ରା କରିଥାଏ । ଏହି ସାଂସ୍କୃତିକ ଆଦାନ ପ୍ରଦାନ ସମାଜରେ ସମନ୍ୱୟ ସ୍ଥାପନ କରେ । ଆଦାନପ୍ରଦାନ ଓ ଗ୍ରହଣିୟତା ଯେତେ ବ୍ୟାପକ ହେବ, ସାମାଜିକ ଏକତା, ପରସ୍ପର ସ୍ନେହ ଶ୍ରଦ୍ଧା, ବିଶ୍ୱାସ ଓ ସମ୍ମାନ ସେତେ ଦୃଢ ହେବ । ସାଂସ୍କୃତିକ ମହତ୍ୱ କୁ ହୃଦବୋଧ କରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଐତିହାସିକ ଉତ୍ଖନନ, ସମ୍ବଲପୁରୀ ଭାଷାରେ ମାଗାଜିନ୍ ର ପ୍ରକାଶନ, ଓଡ଼ିଶା ସାଂସ୍କୃତିକ ସମାଜ ଭଳି ସଂସ୍ଥା ସହିତ ଏମଓୟୁ ସ୍ୱାକ୍ଷର କରିବା ସହିତ ଅନେକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି । ମୁଖ୍ୟବକ୍ତା ରୂପେ ଯୋଗଦେଇ ଦୂରଦର୍ଶନର ଅବସରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକ ବୈକୁଣ୍ଠ ପାଣିଗ୍ରାହୀ କହିଲେ, ସାଂସ୍କୃତିକ ସମନ୍ୱୟ, ପରସ୍ପର ଗ୍ରହଣୀୟତା ରହିବା ଆବଶ୍ୟକ । ଏହାରି ଜରିଆରେ ବିଶ୍ୱଶାନ୍ତି ସ୍ଥାପିତ ହୋଇ ପାରିବ । ସେଥିପାଇଁ ୟୁଏନ ବିଶ୍ୱ ସଂସ୍କୃତି ଦିବସ ର ପରିକଳ୍ପନା କରିଛି । ଓଡ଼ିଶା ଏବଂ ପଡୋଶୀ ରାଜ୍ୟ ଗୁଡିକ ମଧ୍ୟରେ ସାଂସ୍କୃତିକ ସମାନତା ପାଇବା । ସମ୍ବାଦ, ଆଦାନ ପ୍ରଦାନ ଜରିଆରେ ଆମେ ପରସ୍ପର ମଧ୍ୟରେ ଭାବ ଓ ଏକତା ରଖିପାରିବା । ଏତଦ୍ୱାରା ଆମ ସଂସ୍କୃତି ର ଅଧିକ ପ୍ରସାରିତ ହେବ । ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଧନୁପାଲି ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ର ବିଶ୍ୱ ପ୍ରସାଦ ବଳଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅଖିଳ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଦିଲ୍ଲୀପ ବଘାର ଧନ୍ୟବାଦ ଅର୍ପଣ କରିଥିଲେ।

ମଦ ବନ୍ଦ ପାଇଁ ତେନ୍ତୁଲିଖୁଣ୍ଟି ନାରୀ ମହାସଙ୍ଘର ଦାବିପତ୍ର

ତେନ୍ତୁଲିଖୁଣ୍ଟି,୨୫/୫(ନି.ପ୍ର): ତେନ୍ତୁଲିଖୁଣ୍ଟି ବ୍ଲକ ନାରୀ ମହାସଂଘ ପକ୍ଷରୁ ବ୍ଲକ୍‌ରେ ସମ୍ପୂର୍ଣ ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଛି। ଶୁକ୍ରବାର ଶତାଧିକ ମହିଳା ଆଇଆଇସି ତହସିଲଦାର ଓ ବିଡିଓ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ତେନ୍ତୁଲିଖୁଣ୍ଟି ନାରୀ ମହାସଂଘ ର ଆହ୍ୱାନ କ୍ରମେ କୁର୍ମାକୋଟ ନିକଟସ୍ଥ ଆମ୍ର ବଗିଚା ପରିସରରେ ଏକତ୍ରିତ ହୋଇଥିଲେ। ପଦଯାତ୍ରାରେ ନଗର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ରେ ପହଂଚି ମଦ ବନ୍ଦ ପାଇଁ ନାରାବାଜି କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ କୃପାସିନ୍ଧୁ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ସ୍ଥାନୀୟ ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ, ଆଇଆଇସି ପ୍ରଣବ କୁମାର ଟୁଡୁଙ୍କୁ ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଉଲ୍ଲେଖ ରହିଛି, ଅବକାରୀ ନିୟମକୁ ଉଲ୍ଲଂଘନ କରି ତେନ୍ତୁଲିଖୁଣ୍ଟି ବ୍ଲକ୍‌ର ବିଭିନ୍ନ ଅଂଚଳରେ ଚାଲୁଥିବା ଦେଶୀ ଓ ବିଦେଶୀ ମଦ ଦୋକାନ ଏବଂ ମଦ ଭାଟି ବନ୍ଦ କରିବା, ସମ୍ପୃକ୍ତ ମଦ ମାଫିଆଙ୍କୁ ତୁରନ୍ତ ଗିରଫ କରିବା ଆଦି ରହିଛି। ମଦ ବିରୋଧୀ ମଞ୍ଚ ତଥା ଜିଲ୍ଲା ନାରୀ ମହାସଂଘ ଉପଦେଷ୍ଟା ରାଜେଶ ଜାନି, ଓଡିଶା କୃଷକ ସଙ୍ଘ ସଦସ୍ୟ ଦେବରାଜ ନାଗ,ଜିଲ୍ଲା ପେନସନଧାରୀ ମହାସଙ୍ଘ ସଂଗଠକ ଦୟାନିଧି ସୁନା,ଆଦିବାସୀ ଅଧିକାର ମଞ୍ଚ ଉପଦେଷ୍ଟା ହାରାବତୀ ଗଣ୍ଡ,ମଦ ମୁକ୍ତ ନାରୀ ମହାସଙ୍ଘ ଜିଲ୍ଲା ଶୋଭାନେତ୍ରୀ ପାର୍ବତୀ ଦୁରିଆ,ବ୍ଲକ ମଦମୁକ୍ତ ଶୋଭାନେତ୍ରୀ ଶ୍ରୀମତୀ ଭତରାଙ୍କ ତତ୍ତ୍ୱାବଧାନ ରେ ତେନ୍ତୁଲିଖୁଣ୍ଟି ବ୍ଲକ ସାଙ୍ଗକୁ ଉମକୋଟ,ଚନ୍ଦାହାଣ୍ଡି,ଝରୀଗାଁ, ପାପଡାହାଣ୍ଡି ଆଦି ବିଭିନ୍ନ ବ୍ଲକ ର ହଜାର ସଂଖ୍ୟାରେ ମହିଳା ଆଜିର ମଦମୁକ୍ତ ଅଭିଯାନ ରେ ସାମିଲ ହୋଇଥିଲେ।

ବୁଚାମୁଣ୍ଡାରେ ନୂତନ ନଳକୂପ ଖନନ କାର୍ଯ୍ୟର ଶୁଭାରମ୍ଭ

ଝାରସୁଗୁଡ଼ା,୨୫/୫(ନି/ପ୍ର): ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କୋଲାବିରା ବ୍ଲକ ଅନ୍ତର୍ଗତ ପରମାଣପୁର ପଂଚାୟତର ବୁଚାମୁଣ୍ଡା ଗ୍ରାମରେ ବ୍ଲକସ୍ତରୀୟ ନଳକୂପ ଖନନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ବୁଚାମୁଣ୍ଡା ଗ୍ରାମର ବେହେରାପଡ଼ା ଭାଗବତ ଟୁଙ୍ଗି ନିକଟରେ ନୂତନ ନଳକୂପ ଖନନ କାମ ଆରମ୍ଭ ହୋଇଥିବା ବେଳେ ବିଧାୟକ ଶ୍ରୀ ତ୍ରିପାଠୀ ପୂଜାର୍ଚ୍ଚନା କରି ଏହାର ଶୁଭାରମ୍ଭ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାରେ ବର୍ତ୍ତମାନ ତୀବ୍ର ଗ୍ରୀଷ୍ମ ପ୍ରବାହ ଓ ଉଚ୍ଚ ତାପମାତ୍ରା ଯୋଗୁଁ ପାଣି ସମସ୍ୟା ଗୁରୁତର ରୂପ ନେଇଥିବାରୁ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମକୁ ପାନୀୟଜଳ ସୁବିଧା ଯୋଗାଇବାକୁ ପ୍ରାଥମିକତା ଦିଆଯାଇଥିବା ବିଧାୟକ କହିଥିଲେ। ସେ କହିଥିଲେ ଯେ, ନିଜ ନିର୍ବାଚନମଣ୍ଡଳୀର ୪ଟି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଅତ୍ୟାବଶ୍ୟକ ଥିବା ଗ୍ରାମଗୁଡ଼ିକରେ ୧୧୦ଟି ନଳକୂପ ଖନନ ପାଇଁ ପଦକ୍ଷେପ ନିଆଯାଇଛି। ସେଥିରୁ କୋଲାବିରା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୨୫ଟି ନଳକୂପ ଖୋଳାଯିବା ସହ ଆଗାମୀ ଦିନରେ ଆହୁରି ନଳକୂପ ଖନନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋସ୍ନାମୟୀ ମାରାଣ୍ଡି, କୋଲାବିରା ସହାୟକଯନ୍ତ୍ରୀ ରଞ୍ଜିତାବାଳା ଦାସ, ସରପଂଚ ଜାହ୍ନବୀ ପ୍ରଧାନ, ଓ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

ସାମର୍ଥ୍ୟ-୨୦୨୬, ଉପ-ଆଂଚଳିକ ସମ୍ମିଳନୀ ସଫଳତାର ସହ ଶେଷ

ରାଉରକେଳା,୨୫/୫(ନି/ପ୍ର): ଇନଷ୍ଟିଚ୍ୟୁଟ୍ ଅଫ୍ ଚାଟାର୍ଡ ଏକାଉଟାଂଟଂ ଅଫ୍ (ଆଇସିଏଆଇ)ର ରାଉରକେଲା ଶାଖା, ସମ୍ବଲପୁର ଶାଖା ଏବଂ ଝାରସୁଗୁଡା ଶାଖା ଦ୍ୱାରା ମିଳିତ ଭାବରେ ଆୟୋଜିତ ଦୁଇ ଦିନିଆ ଉପ-ଆଂଚଳିକ ସମ୍ମିଳନୀ, "ସାମର୍ଥ୍ୟ-୨୦୨୬" ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଦିନିଆ ସମ୍ମିଳନୀରେ ସଦସ୍ୟ, ଛାତ୍ର ଏବଂ ଚାଟାର୍ଡ ଆକାଉଟାଂନ୍ସି ବୃତିର ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଉତ୍ସାହିତ ହୋଇ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ସଦସ୍ୟମାନଙ୍କୁ ନୂତନ ବୃତିଗତ ବିଷୟ, ପ୍ରଯୁକ୍ତିବିଦ୍ୟା ଅଧୁନାତନ, ନେତୃତ୍ୱ ଦକ୍ଷତା, ନେଟୱାର୍କିଂ ଏବଂ ବ୍ୟକ୍ତିତ୍ୱ ବିକାଶ ସହିତ ସଂଯୋଗ କରିବା । ସମଗ୍ର ଦେଶର ପ୍ରଖ୍ୟାତ ବକ୍ତାମାନେ ଜିଏସଟି, ଅଡିଟ୍, ଡିପିଡିପି ଆଇନ, ବୃତିଗତ ସୁଯୋଗ, ନେତୃତ୍ୱ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଏହି ସମ୍ମିଳନୀରେ ସେମାନଙ୍କର ମତାମତ ବାଟିଂଥିଲେ । ସୂଚନାମୂଳକ ଅଧିବେଶନ ସହିତ ସମ୍ମିଳନୀ ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ନେଟୱାର୍କିଂ ଅଧିବେଶନ ଏବଂ ସାଂସ୍କୃତିକ କାର୍ଯ୍ୟକଳାପ ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ଏହାକୁ ଏକ ସ୍ମରଣୀୟ କାର୍ଯ୍ୟକ୍ରମ କରିଥିଲା । ସମ୍ମିଳନୀରେ ରାଉରକେଲା ଶାଖାର ସଭାପତି ସିଏ ପଙ୍କଜ ଗର୍ଗ ସମସ୍ତ ଅତିଥି, ବକ୍ତା, ପ୍ରାୟୋଜକ, ଅଂଶଗ୍ରହଣକାରୀ ଏବଂ ଆୟୋଜନ କମିଟି ପ୍ରତି କୃତଜ୍ଞତା ପ୍ରକାଶ କରି କହିଥିଲେ ଯେ 'ସାମର୍ଥ୍ୟ' କେବଳ ଏକ ସମ୍ମିଳନୀ ନୁହେଁ, ବରଂ ଶିକ୍ଷା, ସହଯୋଗ ଏବଂ ବୃତିଗତ ଉତ୍କର୍ଷତା ପାଇଁ ଏକ ଶକ୍ତିଶାଳୀ ମଂଚ । ସେ ଆହୁରି ମଧ୍ୟ କହିଥିଲେ ଯେ ଏପରି କାର୍ଯ୍ୟକ୍ରମ ସଦସ୍ୟମାନଙ୍କୁ ନୂତନ ଶକ୍ତି, ନୂତନ ଚିନ୍ତାଧାରା ଏବଂ ସେମାନଙ୍କ ବୃତ୍ତିରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ପ୍ରଦାନ କରେ । ସମ୍ମିଳନୀରେ ସମସ୍ତ ଶାଖା, ସ୍ୱେଚ୍ଛାସେବକ ଏବଂ ସହଯୋଗୀମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲସି, ଆଖୁ ରସ ଓ ଥଣ୍ଡା ପାନୀୟ ବିକ୍ରୟ ବୃଦ୍ଧି

ରାଉରକେଲା,୨୫/୫ (ନି/ପ୍ର): ଗରମ ଯୋଗୁଁ ଲସି ବିକ୍ରୟ ବୃଦ୍ଧି ପାଇଛି । ସୁନ୍ଦରଗଡ଼ ଜିଲ୍ଲାର ସମଗ୍ର ରାଉରକେଲା ସହର ସମେତ ସମଗ୍ର ଓଡ଼ିଶାରେ ଦିନକୁ ଦିନ ଗରମ ଲହରୀ ବୃଦ୍ଧି ପାଉଛି ଏବଂ ଲୋକମାନେ ଗୁଳଗୁଳି ଯୋଗୁଁ ହଇରାଣ ହେଉଛନ୍ତି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଜି ସୋମବାର ମଇ ୨୫ ତାରିଖରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲାରେ ଗରମ ବୃଦ୍ଧି ପାଇବ । ଏହି କାରଣରୁ ଆଜି ସହରରେ ଲସି, ଆଖୁ ରସ, କଚାଂ ଆମ୍ବ ପାଣି, ସତୁ ପାଣି, ନଡ଼ିଆ ପାଣି ଏବଂ ଥଣ୍ଡା ପାନୀୟ ବିକ୍ରୟ ହେଉଥିବାର ଦେଖିବାକୁ ମିଳିଥିଲା । ଲୋକମାନେ ଲସି ପିଉଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ, ପାଣିପାଗ ବିଭାଗ କହିଛି ଯେ ଗରମ ସହିତ ସୁନ୍ଦରଗଡ଼ ଜିଲ୍ଲାରେ ଆର୍ଦ୍ରତା ମଧ୍ୟ ଅଧିକ ରହିବ । ପାଣିପାଗ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରି କୁହାଯାଇଛି ଯେ, ସକାଳେ କାମ ଶେଷ କରିବାକୁ ଏବଂ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରୁ ବାହାରକୁ ନଯିବାକୁ କୁହାଯାଇଛି । ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଛି, ତେବେ ମୁଣ୍ଡରେ ଟୋପି, ଚଷମା, ଗାମୁଛା କିମ୍ବା ଛତା ବ୍ୟବହାର କରନ୍ତୁ । ଲୋକଙ୍କୁ ଯଥାସମ୍ଭବ ଖରାରେ ବାହାରକୁ ନ ଯିବାକୁ କୁହାଯାଇଛି । ବିଶେଷକରି ପିଲା ଏବଂ ବୃଦ୍ଧାମାନଙ୍କୁ ଘର ଭିତରେ ରହିବାକୁ ପରାମର୍ଶ ଦିଆଯାଇଛି କାରଣ ଏହି ଦିନଗୁଡ଼ିକରେ ଗରମ ଏବଂ ଆର୍ଦ୍ରତା ସମଗ୍ର ଓଡ଼ିଶାରେ ପ୍ରଭାବ ପକାଇବ । ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଉରକେଲା ସରକାରୀ ଡାକ୍ତରଖାନା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ମାଗଣାରେ ଡଜଝ ଦ୍ରବଣ ବଂଟନ କରାଯାଉଛି । ଅଧିକାଂଶ ଲୋକଙ୍କୁ ଏହି ଦ୍ରବଣ ବ୍ୟବହାର କରିବାକୁ କୁହାଯାଇଛି । ଯେଉଁମାନେ ବାହାରକୁ ଯାଉଛନ୍ତି ସେମାନଙ୍କୁ ଗରମରୁ ମୁକ୍ତି ପାଇବା ପାଇଁ ଏହି ଦ୍ରବଣ ବ୍ୟବହାର କରିବାକୁ କୁହାଯାଇଛି । ଆଜି ଅପରାହ୍ନ ୧.୩୦ ସମୟ ସୁଦ୍ଧା ରାଉରକେଲା ସହରର ତାପମାତ୍ରା ୪୩ ଡିଗ୍ରୀ ଥିବାବେଳେ ରାସ୍ତାଗୁଡ଼ିକ ଶୂନଶାନ ଦେଖାଯାଇଥିଲା ।

ଦିବ୍ୟ ଜୀବନ ସଂଘରେ ବିଭୁକୃପା କାର୍ଯ୍ୟକ୍ରମ

ରାଉରକେଲା,୨୫/୫(ନି/ପ୍ର): ଦିବ୍ୟ ଜୀବନ ସଂଘ, ଇସ୍ପାତ ନଗରୀ ଶାଖା ତରଫରୁ ବିଭୁକୃପା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂଘର ଅର୍ଦ୍ଧେନ୍ଦୁ ଶେଖର ଷଡଙ୍ଗୀଙ୍କ ଅଧକ୍ଷତା ଓ ରାମକୃଷ୍ଣ ତ୍ରିପାଠୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ଼ଃ କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗଦେଇ ବିଭୁକୃପା ସମ୍ପର୍କରେ ତଥା ସଦଗୁରୁ ଶିବାନନ୍ଦଜୀ ମହାରାଜ ତଥା ତାଙ୍କ ଶିଷ୍ୟ ଚିଦାନନ୍ଦ ସରସ୍ୱତୀ ମହାରାଜ ଓ କୃଷ୍ଣାନନ୍ଦ ଜୀ ମହାରାଜଙ୍କ ବାଣୀର ୫ ଟି କଥା ଉପରେ ଆଲୋଚନା କରିଥିଲେ । ଡ଼ଃ ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ ସତ୍ ସେବା ରେ କିପରି କିଛି ମନ୍ଦ ନାହିଁ, କେବଳ ବାସ ଅଛି, ସୁନ୍ଦରକାଣ୍ଡ ରେ କିପରି ସବୁ ସୁନ୍ଦର,ସୌ ନ୍ଦର୍ଯ୍ୟ , ଇନ୍ଦ୍ରିୟ ଶୋଧନ, ପ୍ରେମ କିପରି ସୁନ୍ଦର, ଅତ୍ୟଧିକ ପ୍ରଶଂସା କିପରି ତୋଷାମଦ,ଆମର କିପରି ପ୍ରେମାଷ୍ପଦ ହେଉଛନ୍ତି ମହାପ୍ରଭୁ, ମହାପ୍ରଭୁଙ୍କୁ ଭଲପାଇବାର ଅର୍ଥ ହେଲା ସମସ୍ତଙ୍କୁ ଭଲପାଇବା,ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ବିଶ୍ୱ ମଧୁମୟ କବିତା, କୃଷ୍ଣ ନାମରେ କିପରି ଶରୀର ବିଶୋଧନ ହୋଇଯାଏ ତଥା ହରି ନାମ ରାମ ନାମରେ ଯେଉଁ ପ୍ରଭାବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ସଂଘ ତରଫରୁ ଡ଼ଃ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଆଲୋକ ରଂଜନ ମଲ୍ଲିକ, ପ୍ରଦୀପ କୁମାର ପଣ୍ଡା, ଅମୂଲ୍ୟ କୃଷ୍ଣ ମିଶ୍ର, ବ୍ରଜେନ୍ଦ୍ର ଦାଶ,ଡା ଅବନୀ ଦାଶ, ଗିରିଧାରୀ ସ୍ୱାଇଁ,ଅକ୍ଷୟ ଭୋଇ,ସିମାଂଚଳ ଦିକ୍ଷୀତ, ନରସିଂହ ରଥ, ଶୁଭଶ୍ରୀ ମିଶ୍ର, ଭୋଳେଶ୍ୱର ବେହେରା,ମେଧିର ଷଡ଼ଙ୍ଗୀ, ଅରବିନ୍ଦ ଦାସ, ସୁଜାତା ରଥଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

ପଣା ବଟଂନ କାର୍ଯ୍ୟକ୍ରମ

ରାଉରକେଲା,୨୫/୫(ନି/ପ୍ର): ଅନ୍ୟତମ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ତରଫରୁ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ପଥଚାରୀ ପାଇଁ ସେକ୍ଟର ସାତ ସତର ଛକ ଠାରେ ଶୀତଳ ସୁସ୍ୱାଦୁ ପଣା ବଟଂନ କରାଯାଇଥିଲା । ଟ୍ରଷ୍ଟ ର ଟ୍ରଷ୍ଟି ଇଂ ଆଲୋକ ରଞ୍ଜନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବଚକ ଡ଼ଃ କୃଷ୍ଣ କେଶବ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ପଥଚାରୀ ଙ୍କୁ ଦହି ସର୍ବତ ପଣା ବଟଂନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମ୍ୟାନେଜିଂ ଟ୍ରଷ୍ଟି ଆଲୋକ ରଂଜନ ମଲ୍ଲିକ, ଟ୍ରଷ୍ଟି ରାମକୃଷ୍ଣ ତ୍ରିପାଠୀ,ଡା ଅବନୀ ଦାଶ, ପ୍ରଦୀପ ପଣ୍ଡା, ପ୍ରିୟବ୍ରତ ସାମଲ, ଅରବିନ୍ଦ ଦାସ, ଶୁଭଶ୍ରୀ ମିଶ୍ର,ମେଧୀର ଷଡ଼ଙ୍ଗୀ,ବ୍ରଜେନ୍ଦ୍ର ଦାଶ, ଅର୍ଦ୍ଧେନ୍ଦୁ ଷଡ଼ଙ୍ଗୀ, ଭୋଳେଶ୍ୱର ବେହେରା, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ,ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପଣା ବଟଂନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଭଳି କାର୍ଯ୍ୟକ୍ରମ ପାଇଁ ସାଧାରଣରେ ଟ୍ରଷ୍ଟକୁ ପ୍ରଶଂସା କରାଯାଇଛି ।

ସେକ୍ଟର -୧୮ ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ

ରାଉରକେଲା,୨୫/୫(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାର ଦ୍ୱାରା ସଂଚାଳିତ ସେକ୍ଟର ୧୮ ସ୍ଥିତ ସୋସିଆଲ ହୋମ ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଶ୍ରୀମତୀ ରେଖା ନାୟକଙ୍କ ପୌରହିତ୍ୟରେ ଯଜ୍ଞ କାର୍ଯ୍ୟ ସମସ୍ତଙ୍କ ମଙ୍ଗଳ କାମନା କରି କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସହ ପ୍ରଭାରୀ ଅଙ୍କୁର ମାର୍ଥା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । କେନ୍ଦ୍ରର ଯୋଗ ଶିକ୍ଷୟତ୍ରୀ ଶ୍ରୀମତୀ ବିଷ୍ଣୁ ପ୍ରିୟା ଦାଶ ବାର୍ଷିକ ବିବରଣୀ ପାଠ କରି କହିଲେ ଯେ ଆମ କେନ୍ଦ୍ରର ଯେଉ ସମସ୍ୟା ଅଛି ସେଥି ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଭାରତ ସ୍ୱାଭିମାନ ନ୍ୟାସର ସହ ରାଜ୍ୟ ପ୍ରଭାରୀ ଶ୍ରୀ ଅଙ୍କୁର ମାର୍ଥା ତାଙ୍କ ଅଭିଭାଷଣରେ ଯୋଗର ଆବଶ୍ୟକତା ଓ ଏହାଦ୍ୱାରା ବ୍ୟକ୍ତି , ପରିବାରର ଆର୍ଥିକ ପ୍ରଗତିରେ ଯୋଗର ଅବଦାନ ଉପରେ ଆଲୋକପାତ କରିଥିଲେ । ଯୋଗକୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାରରେ ପରମ ପୂଜ୍ୟ ମହାରାଜ ଯୋଗରଷିଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ସମସ୍ତେ ଅଷ୍ଟାଙ୍ଗ ଯୋଗର ନିୟମକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତସ୍ନିନୀ ସ୍ୱାଇଁ, ଜିଲ୍ଲା ବି ଏସ ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଚଣଝ ଜିଲ୍ଲା ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲ୍ଲା କିଷାନ ପ୍ରଭାରୀ ପୀତବାସ ପ୍ରଧାନ, ଜିଲ୍ଲା ମିଡିଆ ପ୍ରଭାରୀ ଗଂଗାଧର ଦାଶ , ଜିଲ୍ଲା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର, ଯୋଗ ଶିକ୍ଷୟତ୍ରୀ ପ୍ରିୟଦର୍ଶନୀ ପାଢ଼ୀ ତାଙ୍କ ଅଭି ଭାଷଣରେ ଯୋଗ ସୁସ୍ଥ ଓ ନିରୋଗ ଜୀବନ ପାଇଁ ବିନା ଅର୍ଥରେ ଏକମାତ୍ର ମାର୍ଗ ବୋଲି ମତ ପୋଷଣ କରିବା ସହିତ ଯୋଗର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି କେନ୍ଦ୍ରର ଯୋଗ ପରିଚାଳିକା କଲ୍ପନା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଥିବାବେଳେ ଓ ପରିଚାଳିକା ବିଷ୍ଣୁ ପ୍ରିୟା ଦାଶ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ମହିଳା ଜିଲ୍ଲା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ଯୋଗ ଶିକ୍ଷୟତ୍ରୀ ତପସ୍ୱିନୀ ପଣ୍ଡା, ମମତା ରାଉତ, ଆଶାଲତା ସାହୁ, ସବିତା ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୨ ଟି ଯୋଗ ନୃତ୍ୟରେ ଅଂଶ ଗ୍ରହଣ କରିଥିଲେ ।

ଅନ୍ୟ ଜାତିରେ ବିବାହ କରିଥିବାରୁ ମୃତ୍ୟୁ ବେଳକୁ କେହି କାନ୍ଧ ଦେଲେନି, ଶବ ସତ୍କାର କଲେ ସମାଜସେବୀ

ବଲାଙ୍ଗିର,୨୫/୫(ନି/ପ୍ର): ମଣିଷ ଚନ୍ଦ୍ର ପୃଷ୍ଠକୁ ଯାଇ ସେଠାରେ ବସତି ସ୍ଥାପନ ପାଇଁ ଯୋଜନା କରୁଥିବା ବେଳେ ଆଧୁନିକ ଯୁଗରେ ମଧ୍ୟ କୁ- ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଜୀବିତ ଅଛି । କୁ-ସଂସ୍କାର, ଅନ୍ଧ ବିଶ୍ୱାସ, ଜାତି ପ୍ରଥା ଆଗରେ ଉଚ୍ଚ ଶିକ୍ଷା, ଶିକ୍ଷିତ ସମାଜ ଆଜି ବି ମୁଣ୍ଡ ନୁଆଁଇଛି । ଅନ୍ୟ ଜାତିରେ ବିବାହ କରିବା କ'ଣ ଭୁଲ ? ଅନ୍ୟ ଜାତିରେ ବିବାହ କରିବା କ'ଣ ପାପ ? ମଣିଷକୁ କ'ଣ ଏଇଥି ପାଇଁ ଶ୍ରେଷ୍ଠ ଜୀବ କୁହାଯାଏ ? ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଛି ପାଟଣାଗଡ଼ ବ୍ଲକ ଗଙ୍ଗାସାଗର ପଂଚାୟତର ବେହେରାବନ୍ଧ ଗ୍ରାମରେ । ଗ୍ରାମର ପଂଚସ୍ତରୀ ବର୍ଷୀୟ ବୃଦ୍ଧ ପୁଟୁ ମଲ୍ଲିକଙ୍କ ଗତକାଲି ସନ୍ଧ୍ୟାରେ ମୃତ୍ୟୁ ହୋଇଛି । ତାଙ୍କର ସ୍ତ୍ରୀ ଅନ୍ୟ ଜାତିର ଏବଂ ବିଗତ ଦୁଇ ବର୍ଷ ପୂର୍ବେ ତାଙ୍କର ଦେହାନ୍ତ ହୋଇଛି । ବର୍ତ୍ତମାନ ତାଙ୍କର ପୁଅ କେହି ନାହାନ୍ତି, କେବଳ ଝିଏ ଟିଏ ସେ ମଧ୍ୟ ବାହା ହୋଇ ସାରିଛନ୍ତି । ମୃତ୍ୟୁ ସମୟରେ ତାଙ୍କର ଶବକୁ ଚାରି କାନ୍ଧ ଦେବାକୁ, ଶବ ସତ୍କାର କରିବାକୁ ନିଜ ସମ୍ପର୍କୀୟ କିମ୍ବା ଗାଁ ଲୋକ ମଧ୍ୟ କେହି ବାହାରିଲେ ନାହିଁ । ସମସ୍ତଙ୍କୁ କେବଳ ଜାତି ବାସନ୍ଦ ଭୟ, ଆମ୍ଭେ ଶବ ସତ୍କାର କିମ୍ବା ଶବ ସତ୍କାର କାର୍ଯ୍ୟରେ ସହଯୋଗ କଲେ କାଳେ ଆମ୍ଭକୁ ମଧ୍ୟ ଜାତିରୁ ବାସନ୍ଦ କରିଦେବେ ଭୟରେ କେହି ପାଖକୁ ମଧ୍ୟ ଆସିଲେ ନାହିଁ । ପ୍ରାୟ ଦୁଇ ଘଂଟା ଧରି ନିଜ ଘରେ ଶବ ପଡ଼ି ରହିଲା । ଶବ ସତ୍କାର କରିବା ପାଇଁ ସମାଜସେବୀ ତଥା ଆଦିବାସୀ ନେତା ଗିରିରାଜ ଭୋଇଙ୍କୁ ରାତ୍ରୀ ପ୍ରାୟ ୮ଟା ସମୟରେ ଫୋନ୍ କରି ଘଟଣା ବିଷୟରେ ଅବଗତ କରେଇଲେ । ଖବର ପାଇ ଗିରିରାଜ ଭୋଇଙ୍କ ସହିତ ସମାଜସେବୀ ଜନସନ ନାଗ, ସାମ୍ବାଦିକ ପ୍ରବୀଣ ଭାଇ ପୁରୋହିତ, ସାମ୍ବାଦିକ ଅଭିମନ୍ୟୁ ବାଗ ଘଟଣାସ୍ଥଳରେ ପହଁଚି ଥିଲେ । ପ୍ରଥମେ ଗ୍ରାମର କିଛି ବ୍ୟକ୍ତିଙ୍କୁ ଶବ ସତ୍କାର କରିବାକୁ ଅନୁରୋଧ କରିଥିଲେ ସମାଜସେବୀମାନେ । ସାମାଜିକ ବାସନ୍ଦ ଭୟରେ ହଁ କହିବା ତ ଦୂରର କଥା ଘରୁ ବାହାରକୁ ମଧ୍ୟ କେହି ବାହାରିଲେ ନାହିଁ । ଶବ ପଡିଥିବାରୁ ସେତେବେଳ ପର୍ଯ୍ୟନ୍ତ ଗାଁରେ ରୋଷେଇ ମଧ୍ୟ ବନ୍ଦ ଥିଲା । ଶବ ସତ୍କାର କରିବା ପାଇଁ ଶ୍ମଶାନ ଘାଟକୁ ଯିବାକୁ କହିବାରୁ ମଧ୍ୟ କେହି ବାହାରିଲେ ନାହିଁ । ଶେଷରେ ଚାରି ଜଣ ସମାଜସେବୀ ସସମ୍ମାନେ ଖଟରେ ବୋହି ରାତ୍ରିରେ ମୋବାଇଲ ଲାଇଟ ସାହାଯ୍ୟରେ ପ୍ରାୟ ଏକ କିଲୋମିଟର ଦୂର ଶ୍ମଶାନ ଘାଟ ନଦୀ ପାଖକୁ ନେଇଥିଲେ । ସେଠାରେ ସମାଧି ଦେବା ପାଇଁ ଖାଲ ଖୋଳା ଯାଇଥିଲା ଓ ଶବକୁ ସମ୍ମାନର ସହ ସମାଧି ଦିଆଯାଇଥିଲା । ଅନ୍ଧାରୀଆ ରାତ୍ରୀ ହୋଇ ଥିବାରୁ ତଳେ ସାପ, ବିଛା, ବିଷାକ୍ତ କୀଟ ପତଙ୍ଗଙ୍କୁ ଯେତିକି ଭୟ ଥିଲା ତା' ଠାରୁ ଅଧିକ ଭୟ କିଛି ଦିନ ତଳେ ଅଂଚଳକୁ ଆସିଥିବା ଦୁଇ ଟିକିଆ ହାତୀପଲକୁ ନେଇ । ଭୟ ଥିଲେ ମଧ୍ୟ ଶବ ସମାଧି କାର୍ଯ୍ୟ ସମାପନ କରି ନିଜ ନିଜ ଘରକୁ ଫେରିଲେ ସମାଜସେବୀ ମାନେ । ସମାଜସେବୀଙ୍କ କହିବା ମୁତାବକ, ଜୀବିତ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଏକ ଘରିଆ, ସାମାଜିକ ବାସନ୍ଦ କରିବା ନିୟମ ଉଲଂଘନ କରୁଥିଲେ ମଧ୍ୟ ଗୋଟିଏ ଶବକୁ ବାସନ୍ଦ କରିବା ନିଶ୍ଚିତ ଭାବେ ଦୁଃଖଦ ଏବଂ ନିନ୍ଦନୀୟ । ନିଶ୍ଚିତ ଭାବେ ମାନବିକତାକୁ ପଦାରେ ପକେଇ ଦେଇଛି ଏବଂ ଏଭଳିଆ ଘଟଣାର ପୁନରାବୃତି ନହେବାକୁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି ।

ନୂତନ ବ୍ରାହ୍ମଣୀ ବ୍ରିଜ ଉପରେ ହାଇୱା ଗାଡ଼ିରେ ଅଗ୍ନିକାଣ୍ଡ, ଅଳ୍ପକେ ବର୍ତିଲେ ଚାଳକ

ଟ୍ରେନରୁ ଖସି ଯୁବକ ମୃତ

ଭଦ୍ରକ,୨୫/୫(ନି/ପ୍ର): ଆଗରପଡ଼ା ଟିକିରା ଗ୍ରାମର ସ୍ୱର୍ଗତ ଅଜୟ ମଲ୍ଲିକଙ୍କ ପୁତ୍ର ବିନୋଦ (୩୦) ଟ୍ରେନରୁ ଖସିପଡି ମୃତ୍ୟୁ ବରଣ କରିଛନ୍ତି । ଯେଉଁଥି ପାଇଁ ଆଗରପଡା ସମେତ ନିଜ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଗତକାଲି ରାତିରେ ଭଦ୍ରକ ଷ୍ଟେସନରୁ ଜଗନ୍ନାଥ ଏକ୍ସପ୍ରେସ ଯୋଗେ ଅନ୍ୟ ୨ ସାଂଗଙ୍କ ସହ କଲିକତା ଯାଉଥିଲେ । ବିଳମ୍ବିତ ରାତିରେ ଅନ୍ୟ ୨ ସାଂଗ ନିଜ ସିଟ ରେ ବସିଥିବା ବେଳେ ବିନୋଦ କବାଟ ପାଖରେ ବସିଥିଲେ । ଅନ୍ୟ ମନସ୍କ ଯୋଗୁଁ କୌଣସି କାରଣରୁ ଟ୍ରେନରୁ ସେ ଖସିପଡିଥିଲେ ।

ସିଂଟର ପ୍ଲାଂଟ-୩ ରେ ଅଭିନବ ପ୍ରୟାସ ; ସେଲ୍, ରାଉରକେଲା ଇସ୍ପାତ କାରଖାନାର କାର୍ଯ୍ୟକ୍ଷମ ବିଶ୍ୱସନୀୟତା ଏବଂ ଦକ୍ଷତା ବୃଦ୍ଧି

ରାଉରକେଲା, ୨୫/୫(ନି/ପ୍ର): କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସ୍ଥାୟୀ ରକ୍ଷଣାବେକ୍ଷଣ ପ୍ରଣାଳୀ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍‌ର ରାଉରକେଲା ଇସ୍ପାତ କାରଖାନାର ସିଂଟର ପ୍ଲାଂଟ-୩ ପକ୍ଷରୁ ପ୍ରତ୍ୟେକ ୱିଣ୍ଡ ମେନ୍ ସ୍ଲିଲେଜ୍ ହପର୍ ପାଇଁ ପୃଥକ ଡବଲ୍ କୋନ୍ ଡାଇଭର୍ଟର ଭାଲ୍ଭ ସ୍ଥାପନ କରି ଏକ ଅଭିନବ ପ୍ରୟାସ ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି । ସ୍ଲିଲେଜ୍ ହ୍ୟାଣ୍ଡଲିଂ ସିଷ୍ଟମର ଦକ୍ଷତା ଓ ବିଶ୍ୱସନୀୟତାକୁ ସୁଧାରିବା ସହିତ ସିଷ୍ଟମରେ ସକ୍ସନ୍ ଲସ୍ କୁ ଯଥେଷ୍ଟ ହ୍ରାସ କରିବା ପାଇଁ ଏହି ପ୍ରଦକ୍ଷେପ ନିଆଯାଇଛି । ପୂର୍ବରୁ, ଦୁଇଟି ସ୍ଲିଲେଜ୍ ହପର୍ ସହିତ ଗୋଟିଏ ମାତ୍ର ଡି.ସି.ଡି.ଭି. ସଂଯୁକ୍ତ ହୋଇଥିଲା, ଯାହା ଫଳରେ ତୀକ୍ଷ୍ଣ ମୋଡ଼ ଏବଂ ଏକାଧିକ ମଧ୍ୟବର୍ତ୍ତୀ ସେକ୍ସନ୍ ବିଶିଷ୍ଟ ଲମ୍ବା ସ୍ଲିଲେଜ୍ ଲେଗ୍ସ ସୃଷ୍ଟି ହେଉଥିଲା । ଏହି ବ୍ୟବସ୍ଥା ଯୋଗୁଁ ପ୍ରାୟତଃ ଅତ୍ୟଧିକ କ୍ଷୟକ୍ଷତି, ସକ୍ସନ୍ ଲସ୍, ସ୍ଲିଲେଜ୍ ଲେଗ୍ସ ଜାମ୍ ହେବା ଏବଂ ସାମଗ୍ରୀ ଜମା ହୋଇ ରହିବା ଭଳି ସମସ୍ୟା ଦେଖାଯାଉଥିଲା, ଯାହାଫଳରେ ବାରମ୍ବାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା ଏବଂ ସକ୍ସନ୍ ଲିକେଜ୍ ରୋକିବା ପାଇଁ ଅଧିକ ରକ୍ଷଣାବେକ୍ଷଣର ଆବଶ୍ୟକତା ପଡୁଥିଲା । ଏହି ସମସ୍ତ ଆହ୍ୱାନକୁ ଦୂର କରିବା ପାଇଁ, ନିକଟରେ ସିଂଟର ପ୍ଲାଂଟ-୩ ରେ ଦୁଇଟି ନୂତନ ସ୍ୱତନ୍ତ୍ର ଡି.ସି.ଡି.ଭି. ସଫଳତାର ସହ ସ୍ଥାପନ କରାଯାଇଛି । ଏହି ନୂତନ ବ୍ୟବସ୍ଥା ପରିବହନ ଲାଇନଗୁଡ଼ିକରେ ମୋଡ଼ ଏବଂ ମଧ୍ୟବର୍ତ୍ତୀ ସେକ୍ସନଗୁଡ଼ିକୁ ହ୍ରାସ କରି ସ୍ଲିଲେଜ୍ ହ୍ୟାଣ୍ଡଲିଂ ରୁଟ୍‌କୁ ଯଥେଷ୍ଟ ସରଳ କରିଦେଇଛି । ଏହାର ପରିଣାମ ସ୍ୱରୂପ, ବେଲ୍ଟ ସହିତ ସଂଯୁକ୍ତ ସ୍ଲିଲେଜ୍ ହ୍ୟାଣ୍ଡଲିଂ ସିଷ୍ଟମରେ ସାମଗ୍ରୀର ସହଜ ପ୍ରବାହ ସମ୍ଭବ ହୋଇଛି, ଚୋକିଂ ହ୍ରାସ ପାଇଛି ଏବଂ କାର୍ଯ୍ୟକ୍ଷମ ସ୍ଥିରତା ସୁଧାରିଛି । ଏହି ପଦକ୍ଷେପ ଦ୍ୱାରା ସକ୍ସନ୍ ଲସ୍‌ରେ ହ୍ରାସ, ଯନ୍ତ୍ରପାତିର କ୍ଷୟକ୍ଷତି କମିବା ଏବଂ ସିଷ୍ଟମର ବିଶ୍ୱସନୀୟତା ବୃଦ୍ଧି ଭଳି ଉତ୍ସାହଜନକ ପରିଣାମ ମିଳିସାରିଛି । ଏହା ଡାଉନ୍‌ଟାଇମ୍ ଏବଂ ରକ୍ଷଣାବେକ୍ଷଣ ହସ୍ତକ୍ଷେପକୁ ମଧ୍ୟ କମାଇଛି, ଯାହା ଫଳରେ ପ୍ଲାଂଟର ସାମଗ୍ରିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଛି । କାର୍ଯ୍ୟକ୍ଷମ ସୁବିଧା ବ୍ୟତୀତ, ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷେତ୍ରର ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଅଂଚଳରେ ଉତ୍ତମ ହାଉସକିପିଂ ପରିସ୍ଥିତିରେ ମଧ୍ୟ ସହାୟକ ହେଉଛି । ସାମଗ୍ରୀ ଲିକେଜ୍ ଏବଂ ଚୋକିଂ ହ୍ରାସ ପାଇବା ଫଳରେ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ହାତରେ କରାଯାଉଥିବା ରକ୍ଷଣାବେକ୍ଷଣ କାର୍ଯ୍ୟ ସର୍ବନିମ୍ନ ହୋଇଛି ଏବଂ ସମ୍ପୂର୍ଣ୍ଣ ସିଷ୍ଟମରେ ସ୍ୱଚ୍ଛତା ମାନଦଣ୍ଡରେ ଉନ୍ନତି ଆସିଛି । ଏହି ସକାରାତ୍ମକ ପରିଣାମରେ ଉତ୍ସାହିତ ହୋଇ, ସିଂଟର ପ୍ଲାଂଟ-୩ ବର୍ତ୍ତମାନ ଆର୍ଥିକ ବର୍ଷ ୨୦୨୬-୨୭ ମଧ୍ୟରେ ଅବଶିଷ୍ଟ ସ୍ଲିଲେଜ୍ ହପର୍ ଗୁଡ଼ିକ ପାଇଁ ଆହୁରି ଆଠଟି ପୃଥକ ଡି.ସି.ଡି.ଭି. ସ୍ଥାପନ କରିବାକୁ ଯୋଜନା କରୁଛି । ଏହି ପ୍ରୟାସ ଦୀର୍ଘକାଳୀନ କାର୍ଯ୍ୟକ୍ଷମ ଏବଂ ରକ୍ଷଣାବେକ୍ଷଣ ସୁବିଧା ଆଣିଦେବ ବୋଲି ଆଶା କରାଯାଉଛି, ଯାହାଦ୍ୱାରା ସମ୍ପତି ପରିଚାଳନା ପ୍ରଣାଳୀ ସୁଦୃଢ଼ ହେବ ଏବଂ କାରଖାନାର ଉତ୍ପାଦନ ଶକ୍ତି ବୃଦ୍ଧି ପାଇବ ।